



# ନାସ୍ତିକ - ଆସ୍ତିକ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଦ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୁତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଲକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ଶ୍ରୀନିବାସମାନସିଂହ: 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଗ୍ରର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡ଼ିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି, ପଢ଼ି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡ଼ିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡ଼ିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡ଼ିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡ଼େ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡ଼ିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢ଼ିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡ଼ିକୁ ପଢ଼ି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ          ପ୍ରଥମ ଦୈବଗ୍ରନ୍ଥ          ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ନାସ୍ତିକ - ଆସ୍ତିକ

ସାଧାରଣତଃ ଈଶ୍ୱରଭକ୍ତି ଥିବା ବ୍ୟକ୍ତିକୁ ଆସ୍ତିକ, ଈଶ୍ୱରଭକ୍ତି ନଥିବା ବ୍ୟକ୍ତିକୁ ନାସ୍ତିକ କହିଥାନ୍ତି । ଟିକିଏ ଆଲୋଚନା କରି କହିଲେ ହେତୁବଦ୍ଧତଃ, ଶାସ୍ତ୍ରବଦ୍ଧତଃ ଐଶ୍ୱରୀୟ ବିଷୟ ଉପରେ ଯିଏ ପ୍ରଶ୍ନ କରିଥାଏ ତାକୁ ନାସ୍ତିକ କହି, ଅନ୍ଧବିଶ୍ୱାସୀକୁ ବା ଅନ୍ଧବତ୍ ଆଚରଣ କରୁଥିବା ବ୍ୟକ୍ତିକୁ ଆସ୍ତିକ କହିଥାନ୍ତି । ଆଉ ଟିକିଏ ଆଲୋଚନା ପୂର୍ବକ କହିଲେ ଯେଉଁମାନେ ଗେରୁଆ ପିନ୍ଧନ୍ତି ସେମାନଙ୍କୁ ଆସ୍ତିକ କହି, ଯେଉଁମାନେ ଐଶ୍ୱରୀୟ ବିଷୟରେ ନାଲିଝଣ୍ଡା ଦେଖାଇଥାନ୍ତି ସେମାନଙ୍କୁ ନାସ୍ତିକ କହିଥାନ୍ତି । ଆଜି ସମାଜରେ ମଣିଷ ମୁଖ୍ୟତଃ ନାସ୍ତିକ କିମ୍ବା ଆସ୍ତିକ ନାମକ ଦୁଇଟି ଦଳରେ ବିଭାଜିତ ହୋଇ ରହିଛି । ଆମ ଦଳ ଅଲଗା, ତୁମ ଦଳ ଅଲଗା କହିବା ଭଳି, ନାସ୍ତିକମାନେ ଯାହା କହିଥାନ୍ତି ତାହା ଆସ୍ତିକମାନେ ଖଣ୍ଡନ କରିବା, ଯାହା ଆସ୍ତିକମାନେ କହିଥାନ୍ତି ତାହା ନାସ୍ତିକମାନେ ଖଣ୍ଡନ କରିବା ସାଧାରଣ ବିଷୟ ହୋଇଯାଇଛି । ଏହିଭଳି ନାସ୍ତିକମାନେ ହୁଅନ୍ତୁ କିମ୍ବା ଆସ୍ତିକମାନେ ହୁଅନ୍ତୁ, ଉଭୟ ଶାସ୍ତ୍ରବଦ୍ଧତାକୁ ଭୁଲି ଜଣେ ଜଣକର ଯୁକ୍ତିକୁ ଖଣ୍ଡନ କରିବା ଉଦ୍ଦେଶ୍ୟକୁ ଧରି ରହିଛନ୍ତି ।

ନାସ୍ତିକମାନେ କହୁଥିବା କଥାରେ ହେଉ, ସେମାନେ ପଚାରୁଥିବା ପ୍ରଶ୍ନରେ ହେଉ, ସେଥିରେ ଶାସ୍ତ୍ରବଦ୍ଧତା ଅଛି କି ନାହିଁ ନଦେଖି ସେମାନଙ୍କ କଥାକୁ ଖଣ୍ଡନ କରିବା ଅଭ୍ୟାସରେ ରହିଥାନ୍ତି ଆସ୍ତିକମାନେ, ସେହିଭଳି ଆସ୍ତିକମାନେ କହୁଥିବା କଥାରେ ହେଉ କିମ୍ବା ସେମାନେ ପଚାରୁଥିବା ପ୍ରଶ୍ନରେ ହେଉ, ଶାସ୍ତ୍ରବଦ୍ଧତା ଅଛି କି ନାହିଁ ନଦେଖି ସେମାନଙ୍କ କଥାକୁ ଖଣ୍ଡନ କରିବା ଅଭ୍ୟାସରେ ରହିଥାନ୍ତି ନାସ୍ତିକମାନେ । ଏହି ଦୁଇ ଯୁକ୍ତି ଭିତରୁ ସାଧାରଣ ମଣିଷ କାହା କଥାକୁ ଅନୁସରଣ କରିବ ଜାଣିନପାରି ଦ୍ୱନ୍ଦ ଭିତରେ ଛନ୍ଦିହୋଇ ରହିଥାଏ । ଏ ବାବଦରେ ବିଚାରବନ୍ତମାନେ କେତେକ ବିଷୟରେ ନାସ୍ତିକ ମାନଙ୍କଠାରୁ ସ୍ପଷ୍ଟତା ହାସଲ କରିଥାନ୍ତି, କିନ୍ତୁ

ଆଉ କେତେକ ବିଷୟରେ କୌଣସି ସ୍ୱଷ୍ଟତା ପାଇନଥାନ୍ତି, ସେମାନଙ୍କ କଥାକୁ ତୁଳନା ମଧ୍ୟ କରିପାରନ୍ତି ନାହିଁ, ସେହିଭଳି ଆସ୍ତିକ ମାନଙ୍କର କେତେକ କଥାରେ କିଛି ସତ୍ୟ ଗୋଚର ହେଉଥିଲେ ହେଁ ଆଉ କେତେକ କଥା ସମ୍ପୂର୍ଣ୍ଣ ଅସତ୍ୟ ବୋଲି ପ୍ରମାଣିତ କରିଥାନ୍ତି । କେହି ଦେଖିନଥିବା ଈଶ୍ୱରଙ୍କୁ, କେହି ଜାଣିନଥିବା ଈଶ୍ୱରଙ୍କୁ ବା କାହାର ଅନୁଭବରେ ଆସୁନଥିବା ଈଶ୍ୱରଙ୍କୁ ଆମେ ଦେଖିଛୁ କହୁଥିବା ଆସ୍ତିକମାନଙ୍କ କଥା ସମ୍ପୂର୍ଣ୍ଣ ମିଛ ଏବଂ ଅଶାସ୍ତ୍ରୀୟ ବୋଧହେଉଛି । ଏ ବିଷୟରେ ଆସ୍ତିକମାନଙ୍କୁ ଛାଡି ନାସ୍ତିକମାନଙ୍କୁ ସମର୍ଥନ ଦେଇପାରିବା । ଯାଦୁଗର ଆନନ୍ଦ୍ (ମାନ୍ତ୍ରିକ) ସମସ୍ତେ ଦେଖୁଥିବା ବେଳେ ତାଙ୍କ ମନ୍ତ୍ରଶକ୍ତି ବଳରେ କେତେବଡ ହାତୀକୁ ମିନିଟିଏ ଭିତରେ ଅଦୃଶ୍ୟ କରିଦେବା ବେଳେ, ମନ୍ତ୍ର ବୋଲି କିଛି ନାହିଁ କହୁଥିବା ନାସ୍ତିକମାନଙ୍କ ଯୁକ୍ତିକୁ ଖଣ୍ଡନ କରି, ମନ୍ତ୍ର ମହିମା ଅଛି କହୁଥିବା ଆସ୍ତିକମାନଙ୍କୁ ସମର୍ଥନ ଦେଇପାରିବା । ଏହିଭଳି ଦୁଇ ବର୍ଗରେ କିଛି ସତ୍ୟ, କିଛି ଅସତ୍ୟ ନିଶ୍ଚୟ ମିଶିରହିଛି । ଦୁଇ ବର୍ଗରେ କିଛି ସତ୍ୟ, କିଛି ଅସତ୍ୟ ମିଶି ରହିବା ଦ୍ୱାରା, ଶେଷରେ ଦୁଇ ବର୍ଗର ଫଳ ଗୋଟିଏ ହେଉଥିବାରୁ, ସମାଜକୁ ସନ୍ଦେହହୀନ ମାର୍ଗ ମିଳିପାରୁ ନାହିଁ । ଦୁଇ ବର୍ଗ ମିଶି ସମାଜକୁ ସନ୍ଦିଗ୍ଧ ଅବସ୍ଥାରେ ରଖିଦେଉଥିବାରୁ ସମାଜ ପାଇଁ ଦୁଇ ବର୍ଗ ଗୋଟିଏ ବୋଲି କହିପାରିବା ।

ଗାଈ, ବାଘ ଭିତରେ ଆହାର ଏବଂ ଜୀବନ ବିଧିର ଭିନ୍ନତା ଥାଏ ବୋଲି ସମସ୍ତେ ଜାଣନ୍ତି । ଏହି ଦୁଇ ପଶୁ ଦୁଇଟି ବର୍ଗର । ଗୋଟିଏ ସ୍ଥାନରେ ଗାଈ, ଆଉ ଗୋଟିଏ ସ୍ଥାନରେ ବାଘ ଦେଖାଗଲା । ଗାଈ, ବାଘକୁ ବର୍ଗ ଭେଦରେ ଦେଖିବା ବେଳେ, ବାଘ ପ୍ରକୃତ ବାଘ ନୁହେଁ, ସେ ବାଘଚର୍ମ ଢାଙ୍କି ହୋଇଥିବା ଗାଈ ବୋଲି ଯେତେବେଳେ ଜାଣିପାରିବା ସେତେବେଳେ ତାକୁ ଗୋଟିଏ ବର୍ଗର ହୋଇଥିବା ଗାଈ ବୋଲି କହିପାରିବା ।

ଗାଈ ଏବଂ ବାଘ ଭଳି ଥିବା ଗାଈ ଦୁଇଟିଯାକ ଗୋଟିଏ ବର୍ଗର ବୋଲି ଜାଣିପାରିବା ଭଳି, ଆଜିର ସମାଜରେ ଆସ୍ତିକମାନେ ଅଛନ୍ତି କି ଆସ୍ତିକମାନଙ୍କ ଭଳି ନାସ୍ତିକମାନେ ଅଛନ୍ତି ଆମକୁ ବିଚାର କରି ଦେଖିବା ଉଚିତ୍ । କେଉଁମାନେ ଆସ୍ତିକ ? କେଉଁମାନେ ନାସ୍ତିକ ? କି ଦୁଇ ଦଳ ମିଶି ନାସ୍ତିକ ? ନା ଖାଲି ଆସ୍ତିକ ଅଛନ୍ତି ବୋଲି ପ୍ରଶ୍ନକରି ସମାଧାନ ଖୋଜିଲେ, ନାସ୍ତିକ ଏବଂ ଆସ୍ତିକ କାହାକୁ କହନ୍ତି ଜାଣି, ଆଜି ସମାଜରେ କେଉଁମାନେ ଅଛନ୍ତି ପ୍ରମାଣିତ କରିପାରିବା ।

କମ୍ପ୍ୟୁଟରରେ ହାର୍ଡଓୟାର୍, ସଫ୍ଟଓୟାର ମିଶି ରହିଥାଏ ବୋଲି ଆଜି ସମସ୍ତେ ଜାଣନ୍ତି । ହାର୍ଡଓୟାର ନଥିବା କମ୍ପ୍ୟୁଟର କିମ୍ବା ସଫ୍ଟଓୟାର ନଥିବା କମ୍ପ୍ୟୁଟର ନଥାଏ । ସେହିଭଳି ସ୍ଥୁଳ ନଥାଇ ସୂକ୍ଷ୍ମ, ସୂକ୍ଷ୍ମ ନଥାଇ ସ୍ଥୁଳ ଜଗତ ନଥାଏ, ତେଣୁ ସ୍ଥୁଳ ନଥିବା ମଣିଷ କିମ୍ବା ସୂକ୍ଷ୍ମ ନଥିବା ମଣିଷ ନଥାନ୍ତି । କମ୍ପ୍ୟୁଟରରେ ହାର୍ଡଓୟାର, ସଫ୍ଟଓୟାର ମିଶି ରହିଥିବା ଭଳି, ମଣିଷର ନିଶ୍ଚୟ ସ୍ଥୁଳ, ସୂକ୍ଷ୍ମ ରୂପ ରହିଥାଏ । ମଣିଷ ଦେହ ସ୍ଥୁଳ ହେବାବେଳେ, ତା ଭିତରେ ଥିବା ଆତ୍ମା ସୂକ୍ଷ୍ମ ଭାବରେ ରହିଥାଏ । ମଣିଷର ଶରୀର ସ୍ଥୁଳତଃ ୨୪ ଭାଗର ହୋଇଥିବା ବେଳେ, ସେଥିରେ ସୂକ୍ଷ୍ମତଃ ତିନିଗୋଟି ଆତ୍ମା ନିବାସ କରିଥାନ୍ତି । ସ୍ଥୁଳ କହିଲେ ଯାହା ଆଖିକୁ ଦେଖାଯାଏ, ସୂକ୍ଷ୍ମ କହିଲେ ଯାହା ଆଖିକୁ ଦେଖାଯାଏ ନାହିଁ । ସେହିଭଳି ଦୁନିଆରେ ଦେଖାଯାଉଥିବା, ଦେଖାଯାଉ ନଥିବା ଧନ ମଧ୍ୟ ଥାଏ । ଦେଖାଯାଉଥିବା ଧନ ଅନୁସାରେ ଜଣକୁ ଧନବାନ କହିବା ଭଳି, ଦେଖାଯାଉ ନଥିବା ଧନ ମଧ୍ୟ ଯାହା ପାଖରେ ଅଛି ତାକୁ ଧନବାନ କହିପାରିବା ।

ପୂର୍ବେ ଦେଖାଯାଉ ନଥିବା ଧନ ଜ୍ଞାନଧନ ଅନୁସାରେ ଯାହା ପାଖରେ ଜ୍ଞାନଧନ ରହୁଥିଲା ତାକୁ **"ଆସ୍ତିକ"** କହୁଥିଲେ । ଯାହା

ପାଖରେ ଜ୍ଞାନଧନ ନଥିଲା ତାକୁ **"ନାସ୍ତିକ"** କହୁଥିଲେ । ଦେଖାଯାଉଥିବା ଧନକୁ ଚୋର ନେଇଯାଇ ପାରେ କିମ୍ବା କୌଣସି ଉପାୟରେ ତାହା ନଷ୍ଟ ହୋଇଯାଇ ପାରେ, କିନ୍ତୁ ଜ୍ଞାନଧନକୁ ଚୋର ନେଇପାରେ ନାହିଁ କି ତାହା ନଷ୍ଟ ହୋଇନଥାଏ । ପ୍ରପଞ୍ଚ (ପଞ୍ଚଭୂତ) ଅଶାଶ୍ୱତ, ତାହା ମରଣରେ ସାଥିରେ ଯାଇନଥାଏ । ଜ୍ଞାନଧନ ଶାଶ୍ୱତ, ମତ୍ୟୁ ପରେ ମଧ୍ୟ ତାହା ସାଥିରେ ଯାଇଥାଏ । ତେଣୁ ପୂର୍ବେ ଏହି ଜ୍ଞାନଧନ ବିଷୟରେ ପୂର୍ବଜମାନେ ନାସ୍ତିକ ଏବଂ ଆସ୍ତିକମାନଙ୍କୁ ନିର୍ଣ୍ଣୟ କରୁଥିଲେ । ଏହି ହିସାବ ଅନୁସାରେ କିଏ ନାସ୍ତିକ, କିଏ ଆସ୍ତିକ ଯଦି ଆମେ ଆଜି ନିର୍ଣ୍ଣୟ କରିବା ତେବେ, ଈଶ୍ୱର ନାହାନ୍ତି କହୁଥିବା ଲୋକମାନଙ୍କ ପାଖରେ ଜ୍ଞାନଧନ ନଥିବାରୁ ସେମାନଙ୍କୁ ସହଜରେ ନାସ୍ତିକ କହିପାରିବା । ଆମେ କହିବା ଦରକାର ନାହିଁ ନାସ୍ତିକମାନେ ନିଜେ ନିଜକୁ ନାସ୍ତିକ ବୋଲି ମୁକ୍ତ କଣ୍ଠରେ କହିଥାନ୍ତି, କିନ୍ତୁ କିଛି ଜ୍ଞାନଧନ ଥିବା ଆସ୍ତିକମାନଙ୍କୁ ଚିହ୍ନିବା କଷ୍ଟ ହୋଇଥାଏ । ଈଶ୍ୱର ନାହାନ୍ତି କହୁଥିବା ନାସ୍ତିକମାନେ ଦେଖାଯାଉଥିବା ସାଧାରଣ ଗାଈ ଭଳି ଥାଆନ୍ତି, ସେମାନଙ୍କୁ ଚିହ୍ନିହେବ ସିନା, ବାଘ ଚର୍ମ ଢାଙ୍କି ହୋଇଥିବା ଗାଈକୁ ଚିହ୍ନିବା କଷ୍ଟ ହୋଇଥାଏ । ଦେଖାଯାଉ ନଥିବା ଈଶ୍ୱରଙ୍କୁ ଦେଖିଛୁ କହୁଥିବା ପିଠାଧିପତିମାନେ, ଆମେ ଈଶ୍ୱରଙ୍କୁ ଦେଖାଇପାରିବୁ କହୁଥିବା ଗୁରୁମାନେ, କେତେବେଳେ କେମିତି ଈଶ୍ୱର ଆମ ଶରୀରରେ ଆସି ତୁମମାନଙ୍କ ଉପରେ ତାଙ୍କର ଦୃଷ୍ଟିନିକ୍ଷେପ କରିଥାନ୍ତି ବୋଲି ପ୍ରଚାର କରୁଥିବା କେତେକ ସମାଜର ସ୍ୱାମୀଜୀମାନେ, ସ୍ୱାମୀନୀମାନେ, ଆମେମାନେ ହିଁ ସାକ୍ଷାତ୍ ଈଶ୍ୱର ବୋଲି କହୁଥିବା ବାବାମାନେ, କେତେକ ଭକ୍ତମାନେ ଆଜି ସମାଜରେ ଆସ୍ତିକ ଭାବରେ ପରିଗଣିତ ହୋଇଥାନ୍ତି । ଜ୍ଞାନଧନ ଅନୁସାରେ ଦେଖିଲେ ଶହେରୁ ନବେ ଜଣ ଥିବା ଏଇଭଳି ଲୋକମାନଙ୍କ ପାଖରେ ଜ୍ଞାନଧନ ନାହିଁ । ତେଣୁ ଏମାନଙ୍କୁ ଧନହୀନ ନାସ୍ତିକ କହିପାରିବା । ଜ୍ଞାନଧନ ନଥାଇ ଆମେ ଧନବାନ (ଆସ୍ତିକ) କହୁଥିବା ଲୋକମାନେ ବାଘ ନହେଲେ ବି

ବାଘଛାଲ ଘୋଡାଇ ହୋଇ ରହିଥିବା ଗାଈ କହିପାରିବା । ହଜାରକେ କେହି ଜଣେ ମଧ୍ୟ ପ୍ରକୃତ ଜ୍ଞାନଧନ ଥିବା ଆସ୍ତିକଲୋକ ଅଛି ବୋଲି ଆଜି ସମ୍ପୂର୍ଣ୍ଣ ବିଶ୍ୱାସ କରିହୁଏ ନାହିଁ, ତେଣୁ ସମସ୍ତେ ନାସ୍ତିକ କହିଲେ ମଧ୍ୟ ଅତ୍ୟୁକ୍ତି ହୁଏ ନାହିଁ । ସ୍ୱାମୀଜୀମାନଙ୍କୁ, ବାବାମାନଙ୍କୁ, ପୀଠାଧିପତି ମାନଙ୍କୁ, ଭକ୍ତମାନଙ୍କୁ ମିଶାଇ ସମସ୍ତେ ହିଁ ନାସ୍ତିକ ବୋଲି କହିବା କଥାଟି ଆପଣଙ୍କୁ ବିଚିତ୍ର ବୋଧ ହେଉଥିଲେ ମଧ୍ୟ ନିରାଟ ସତ୍ୟ । ପ୍ରକୃତ ଜ୍ଞାନଧନ ଥିବା ଆସ୍ତିକ ଲକ୍ଷେରେ କିମ୍ବା କୋଟିଏରେ ଗୋଟିଏ ଥାଇପାରନ୍ତି ।

ଆପଣ ଈଶ୍ୱର ନାହାନ୍ତି କହୁଥିବା ଲୋକମାନଙ୍କୁ ନାସ୍ତିକ କହୁଛନ୍ତି, ପୁଣି ଈଶ୍ୱର ଅଛନ୍ତି କହୁଥିବା ଅଦୃଶ୍ୟନାସ୍ତିକମାନେ ମଧ୍ୟ ଅଛନ୍ତି ବୋଲି କହୁଛନ୍ତି । ବଡ ବଡ ସ୍ୱାମୀଜୀମାନଙ୍କୁ, ବାବାମାନଙ୍କୁ, ଗୁରୁମାନଙ୍କୁ, ପିଠାଧିପତି ମାନଙ୍କୁ ଆପଣ କେଉଁ ଆଧାରରେ ନାସ୍ତିକ କହୁଛନ୍ତି ? ସେମାନଙ୍କ ପାଖରେ ଜ୍ଞାନଧନ ନାହିଁ ବୋଲି ଆପଣଙ୍କ ପାଖରେ କେଉଁ ପ୍ରମାଣ ଅଛି ? ଏଭଳି ପ୍ରଶ୍ନ ଆପଣ କରି ପାରନ୍ତି । ସେଥିପାଇଁ ସମାଧନ ହେଉଛି ! ବଞ୍ଚିଥିବା କୌଣସି ମଣିଷକୁ ଈଶ୍ୱର ଜଣାପଡନ୍ତି ନାହିଁ ବୋଲି ବ୍ରହ୍ମବିଦ୍ୟା ଅନୁସାରେ କେହି କାଟି ପାରିବେ ନାହିଁ । ଈଶ୍ୱର ମଣିଷକୁ ଜାଣି ନପାରିଲେ ମଧ୍ୟ, ଈଶ୍ୱର ତାଙ୍କ ଜ୍ଞାନକୁ ମଣିଷ ପାଇଁ ଶାସ୍ତ୍ରବଦ୍ଧ ରୀତିରେ ସ୍ୱୟଂ ଜଣାଇଛନ୍ତି । ବ୍ରହ୍ମବିଦ୍ୟାଶାସ୍ତ୍ର ହୋଇଥିବା ଭଗବଦ୍ଗୀତାରେ ସମ୍ପୂର୍ଣ୍ଣ ଈଶ୍ୱରଙ୍କ ଜ୍ଞାନ ଜଣାଇ ଦିଆଯାଇଥିବା ବେଳେ, ତାହା ଭୁଲି ଶାସ୍ତ୍ରବଦ୍ଧତା ନଥାଇ କଥାବାର୍ତ୍ତା କରୁଥିବା ଲୋକମାନଙ୍କ ପାଖରେ ଜ୍ଞାନଧନ ନାହିଁ ବୋଲି କହିପାରିବା । ବେଦ ହିଁ ଗୁଣରାଜିର ପ୍ରତିରୂପ, ତାହା ଛାଡିବା ପରେ ପ୍ରକୃତ ମାର୍ଗ ମିଳିବ ବୋଲି **ଗୀତାରେ କୁହାଯାଇଥିବା ଦୈବବାକ୍ୟକୁ ଭୁଲି, ବେଦକୁ ପ୍ରାଧାନ୍ୟ ଦେଉଥିବା ଲୋକମାନଙ୍କ ପାଖରେ ଜ୍ଞାନଧନ ନାହିଁ ବୋଲି କହିପାରିବା । ବାହ୍ୟତଃ ଯଜ୍ଞକରିବା ଦ୍ୱାରା, ବେଦ ପାଠକରିବା ଦ୍ୱାରା,ଦାନଦେବା ଦ୍ୱାରା,ତପସ୍ୟାକରିବା ଦ୍ୱାରା ଈଶ୍ୱର ଜଣାପଡନ୍ତି**

**ନାହିଁ ବୋଲି ଗୀତାରେ କହିଥିବା ବେଳେ, ଏଇଗୁଡିକୁ ହିଁ ମହାନ ଭାବନା କରି ଯଜ୍ଞ ଯାଗାଦି କରୁଥିବା ସ୍ୱାମୀଜୀମାନେ, ବେଦପାଠ କରୁଥିବା ପିଠାଧିପତିମାନେ, ତପସ୍ୟା କରୁଥିବା ଗୁରୁମାନେ, ଦାନ ଦେଉଥିବା ଭକ୍ତମାନେ କଣ ପ୍ରକୃତ ପଥକୁ ଭୁଲିନାହାନ୍ତି !** ଏମାନେ କଣ ପ୍ରକୃତ ଜ୍ଞାନଧନ ନଥିବା ନାସ୍ତିକ ନୁହନ୍ତି ? ବ୍ରହ୍ମବିଦ୍ୟାର ବ୍ୟତିରେକ ବାଣୀ ବୋଧ କରୁଥିବା ଲୋକମାନେ, ପ୍ରଜାମାନଙ୍କ ସନ୍ଦେହ ଦୂର କରିପାରୁ ନଥିବା ଲୋକମାନେ, କୌଣସି ହେତୁବଦ୍ଧ ପ୍ରଶ୍ନର ଜବାବ ଦେଇପାରୁ ନଥିବା ଲୋକମାନେ ସମସ୍ତେ ମିଶି ଆମେ ଆସ୍ତିକ ବୋଲି ଏକ କଣ୍ଠରେ କହିଲେ ମଧ୍ୟ, ସେମାନେ କଣ ନାସ୍ତିକ ନୁହନ୍ତି ? ଈଶ୍ୱର ନାହାନ୍ତି କହୁଥିବା ଲୋକ କେବଳ ନାସ୍ତିକ, ଈଶ୍ୱର ଅଛନ୍ତି କହୁଥିବା ଲୋକ କେବଳ ଆସ୍ତିକ କହିବା ଭୁଲ୍ । ତେଣୁ ଜ୍ଞାନଧନ ନଥିବା ସମସ୍ତେ ଆସ୍ତିକ ନୁହନ୍ତି, ସେମାନଙ୍କୁ ମଧ୍ୟ ନାସ୍ତିକ କହିବା ଉଚିତ୍ । ଜ୍ଞାନଧନ ନଥିବା କେତେବଡ ସ୍ୱାମୀଜୀ ହେଉ, ସେ ନାସ୍ତିକ ବୋଲି କହିପାରିବା ।

ଦେଖାଯାଉଥିବା ଧନ ଅନୁସାରେ ଅମୁକ ବ୍ୟକ୍ତି ଧନୀ, ଅମୁକ ବ୍ୟକ୍ତି ଗରିବ ବୋଲି କହିପାରିବା । ସେହିଭଳି ଦେଖାଯାଉ ନଥିବା ଜ୍ଞାନଧନ ଅନୁସାରେ ଅମୁକ ବ୍ୟକ୍ତି ଆସ୍ତିକ, ଅମୁକ ବ୍ୟକ୍ତି ନାସ୍ତିକ ବୋଲି କିପରି କହି ପାରିବା ? ସେମାନଙ୍କୁ କିପରି ଚିହ୍ନିବା ବୋଲି କିଛିଲୋକ ମୋତେ ପଚାରି ପାରନ୍ତି । ତାର ସମାଧାନ ହେଉଛି ! ଦେଖାଯାଉ ନଥିବା ଧନ ବାବଦରେ ଜାଣିବାକୁ ହେଲେ ସର୍ବ ପ୍ରଥମେ ଈଶ୍ୱରଙ୍କ ଧର୍ମ ବାବଦରେ ଜାଣିବାକୁ ହେବ । ଈଶ୍ୱରଙ୍କ ଧର୍ମ ଭଗବଦ୍ଗୀତାରେ ରହିଛି । ଗୀତାର ଧର୍ମ ଜାଣିପାରିବା ବେଳେ ସେଥିରେ ଜ୍ଞାନାଗ୍ନିର ଅସ୍ତିତ୍ୱକୁ ଜାଣିପାରିବା । ଗୀତାର ଅନେକ ସନ୍ଦର୍ଭରେ କୁହାଯାଇଥିବା ଜ୍ଞାନାଗ୍ନି ହିଁ ଆମେ ଭାବନା କରୁଥିବା ଅଦୃଶ୍ୟ ଜ୍ଞାନଧନ । ଜ୍ଞାନ ନାମକ ଅଗ୍ନି ଥିବା ପାତ୍ର ହିଁ ପ୍ରକୃତ ସନ୍ନ୍ୟାସୀ, ପ୍ରକୃତ ଯୋଗୀ ବୋଲି ଗୀତାରେ କୁହାଯାଇଛି । **ଯାହା ପାଖରେ ଜ୍ଞାନାଗ୍ନି**

**ନାହିଁ ସେ କେତେବଡ ସ୍ୱାମୀଜୀ ହେଉ, ସେ ପ୍ରକୃତ ସନ୍ନ୍ୟାସୀ ନୁହେଁ, ମିଛୁଆ ଯୋଗୀ ବୋଲି ତାକୁ କହିପାରିବା ।**

ଭୌତିକ ଧନ ମଣିଷକୁ ଆବଶ୍ୟକୀୟ ସୁଖ ଦେଇପାରେ । ସେହିଭଳି ଜ୍ଞାନଧନ ମଣିଷର କର୍ମକୁ ଦୂରକରି ମୋକ୍ଷ ଦେଇଥାଏ । **"ଜ୍ଞାନାଗ୍ନି ସର୍ବ କର୍ମାଣି ଭସ୍ମସାତ୍.."** ବୋଲି ଗୀତାରେ କୁହାଯାଇଛି । ଗୀତାର ଧର୍ମକୁ ଜାଣି ଯିଏ ଆଚରଣରେ ଆଣିଥାଏ ତା ପାଖରେ ନିଶ୍ଚୟ ଜ୍ଞାନଧନ ଥାଏ । ଗୀତାର ଧର୍ମକୁ ଜାଣିନଥିବା ଲୋକ ପାଖରେ ଜ୍ଞାନଧନ ନାହିଁ ବୋଲି କହି ପାରିବା । **ଅନେକ ସ୍ୱାମୀଜୀମାନେ, ପିଠାଧିପତିମାନେ, ଗୁରୁମାନେ ଗୀତାକୁ ସୁନ୍ଦର ଭାବରେ ବୋଧ କରନ୍ତି ! ସେମାନଙ୍କୁ ମଧ୍ୟ ଆପଣ ନାସ୍ତିକ କହିଦେଉଛନ୍ତି ! ! କଣ ସେମାନଙ୍କୁ ଧର୍ମ ଜଣା ନାହିଁ ? ବୋଲି କିଛିଲୋକ ପ୍ରଶ୍ନ କରିପାରନ୍ତି** । ଏ ପ୍ରଶ୍ନରେ ଆମ ତରଫରୁ ଆସୁଥିବା ସମାଧାନ ହେଉଛି ! ଗୀତା ପଢିଛନ୍ତି ବୋଲି ଯେ ସେମାନଙ୍କୁ ଗୀତାଧର୍ମ ଜଣାଅଛି ଭାବିବା ଭୁଲ୍ । ଯଦି ସେମାନଙ୍କୁ ଧର୍ମ ଜଣାଅଛି ସେମାନେ ବାହ୍ୟଯଜ୍ଞ କିପରି କରୁଛନ୍ତି ? ଯଦି ଗୀତାରୁ ଦୈବଧର୍ମ ଜଣାପଡିଛି ସେମାନେ ବେଦପଠନ କାହିଁକି କରୁଛନ୍ତି ? ଯେଉଁମାନେ ଅନ୍ୟ ଦେବତାମାନଙ୍କର ପୂଜା କରୁଛନ୍ତି ସେମାନଙ୍କୁ ଗୀତାଧର୍ମ ଜଣାଅଛି ବୋଲି  କିପରି କହିବା ? ଧର୍ମ ନାଜାଣି ପାଖରେ ଜ୍ଞାନଧନ ହେବା ଅସମ୍ଭବ । ଯିଏ ଧର୍ମ ଜାଣେ ସେ  ଧର୍ମ ଅନୁସାରେ ବଞ୍ଚେ, ତାକୁ ଜ୍ଞାନଧନ ଥିବା ଆସ୍ତିକ କହିପାରିବା । ପାଖରେ ଜ୍ଞାନଧନ ରହିବାକୁ  ହେଲେ ଈଶ୍ୱରଙ୍କ ଧର୍ମ ପ୍ରଥମେ ଜାଣିଥିବା ଦରକାର । ଧର୍ମ ଆଚରଣରେ ବାହାରକୁ କିଛି ଦେଖାଯିବ, ତେଣୁ ଆଚରଣ ଅନୁସାରେ ଜ୍ଞାନଧନ ଥିବା ପାତ୍ରକୁ ଚିହ୍ନାଯାଇପାରେ । **ଧର୍ମର ଆଚରଣ କରୁଥିବା ପାତ୍ର ସମାଜରେ ସ୍ୱାମୀଜୀ ନହେଲେ ମଧ୍ୟ, ପ୍ରକୃତ ଆସ୍ତିକ । ସେହିଭଳି ଧର୍ମର ଆଚରଣ କରୁନଥିବା ପାତ୍ର ସ୍ୱାମୀଜୀ ହେଲେ ମଧ୍ୟ ସ୍ୱାମୀଜୀ ନୁହେଁ, ନାସ୍ତିକ ।**

ଯଦି ଆପଣ ପ୍ରକୃତ ନାସ୍ତିକକୁ, ଆସ୍ତିକକୁ ଜାଣିବାକୁ ଚାହୁଁଛନ୍ତି ତେବେ ପ୍ରଥମେ ଗୀତାରେ କୁହାଯାଇଥିବା ନିଗୁଢ ଦୈବଧର୍ମ ଜାଣନ୍ତୁ, ତାହା ଜାଣି ଆପଣ ମଧ୍ୟ ପ୍ରକୃତ ଜ୍ଞାନଧନକୁ ଆପଣାର କରି ଆସ୍ତିକ ଭାବରେ ବଦଳି ପାରିବେ । ତାଛଡା ଦେଶରେ ଆସ୍ତିକ ବେଶରେ ଥିବା ନାସ୍ତିକମାନଙ୍କୁ ଚିହ୍ନି ପାରିବେ । ଈଶ୍ୱର ନାହାନ୍ତି କହୁଥିବା ଲୋକମାନଙ୍କ ଉପରେ ନାସ୍ତିକ ମୁଦ୍ରା ଲଗାଇ ନିଜେ ନିଜକୁ ଆସ୍ତିକ କହୁଥିବା ଲୋକର ଆଖି ଖୋଲି ପାରିବେ । ଦୈବଧର୍ମ ନଜାଣି, ଦୈବଧର୍ମକୁ ଆଚରଣରେ ନଆଣି କେବେ କେହି ମଧ୍ୟ ଆସ୍ତିକ ହୋଇପାରିବ ନାହିଁ, ସେ ସର୍ବଦା ନାସ୍ତିକ ହୋଇ ରହିଥିବ ବୋଲି ପ୍ରମାଣିତ କରିପାରିବେ ।

ଚଳିତ କାଳରେ କିଛି ହେତୁବାଦୀମାନେ, ନିଜର ନିର୍ଣ୍ଣୟ ହିଁ ଉପଯୁକ୍ତ ନିର୍ଣ୍ଣୟ ଭାବି ଆଧ୍ୟାତ୍ମିକ ଏକ ଭ୍ରମ ବୋଲି କହୁଛନ୍ତି, ଆଧ୍ୟାତ୍ମିକ ଏକ ବିଶ୍ୱାସରେ ଛନ୍ଦି ହୋଇଯିବା ଭଳି ସମସ୍ୟା ବୋଲି କହୁଛନ୍ତି, ଆଧ୍ୟାତ୍ମିକ ବିଜ୍ଞାନ ସମ୍ବନ୍ଧୀୟ ନୁହେଁ ବୋଲି କହୁଛନ୍ତି । ଏହିଭଳି ଭାବନା ରହିଥିବା ଲୋକମାନେ ସେମାନଙ୍କ ନିର୍ଣ୍ଣୟ ଉପରେ ପୁନରାଲୋଚନା କରନ୍ତୁ ବୋଲି ଆମେ ଆଶା କରୁଛୁ । କାରଣ ! ଆଜିଯାଏଁ ଆସ୍ତିକତ୍ୱରେ ଅନେକ କଳ୍ପିତ ପୁରାଣକୁ ରଖିଦିଆଯାଇଛି ବୋଲି ସେମାନେ ତାହା ଦେଖାଇ ଏଭଳି କହୁଛନ୍ତି । ଟିକିଏ ବିଚାର କରି ଦେଖିଲେ ଆଧ୍ୟାତ୍ମିକ ହିଁ ସବୁଠାରୁ ବଡ ବିଜ୍ଞାନ (ସାଇନ୍ସ) ବୋଲି ବୁଝିପାରିବେ । ଆଧ୍ୟାତ୍ମିକ ରହିଥିବା ଷଡଶାସ୍ତ୍ର ଭିତରୁ ସବୁଠାରୁ ବଡ ଶାସ୍ତ୍ର । ତାହାକୁ ବ୍ରହ୍ମବିଦ୍ୟାଶାସ୍ତ୍ର କୁହାଯାଏ । ଶାସ୍ତ୍ର ସିଦ୍ଧାନ୍ତରେ ପରିପୂର୍ଣ୍ଣ ଏବଂ ସିଦ୍ଧାନ୍ତ ବିଜ୍ଞାନ ରୂପରେ ଥାଏ । ତେଣୁ ଅନେକ ସିଦ୍ଧାନ୍ତ ଥିବା ବ୍ରହ୍ମବିଦ୍ୟାକୁ ବଡ ସାଇନ୍ସ (ସୁପର ସାଇନ୍ସ) ବୋଲି କହି ପାରିବା । ଆଜି ରହିଥିବା ଆସ୍ତିକମାନେ ବାହାରେ ଯଜ୍ଞ ଆଚରଣ କରି କିଛି ଘଟିବ, ମିଳିବ କହିବା ଅନ୍ଧବିଶ୍ୱାସ ହୁଏ । ଏକଥାକୁ ହେତୁବାଦୀମାନେ ମଧ୍ୟ ଖଣ୍ଡନ କରିପାରନ୍ତି, କିନ୍ତୁ ସେହି ଯଜ୍ଞ ନିତ୍ୟ ଭାବରେ ଶରୀରରେ ଘଟିଥାଏ

କହିବା ସିଦ୍ଧାନ୍ତଯୁକ୍ତ ଶାସ୍ତ୍ରବଚନ ହୋଇ ଅଛି । ଦ୍ରବ୍ୟଯଜ୍ଞ ଶରୀରରେ କିପରି ଘଟିଥାଏ ତାହା ହେତୁବାଦୀମାନେ ବିଚାର କରିବା ଉଚିତ୍ । ଶରୀରରେ ହେଉଥିବା ଦ୍ରବ୍ୟଯଜ୍ଞ ବିଜ୍ଞାନ ସମ୍ମତ ବୋଲି ଜାଣିବା ଆଗରୁ ତାହା ଅନ୍ଧବିଶ୍ୱାସ କହିଦେବା, ଆମକୁ ଜଣାନଥିବା ବିଜ୍ଞାନ ହିଁ ବିଜ୍ଞାନ ନୁହେଁ କହିବା ଭଳି ହୋଇଥାଏ । ତେଣୁ ବିଜ୍ଞାନକୁ ବିଶ୍ୱାସୀ ହେତୁବାଦୀମାନେ କିଛି ପରିଶୀଳନ କରି ନିରୂପଣାତ୍ମକ ଖଣ୍ଡନ କରିବା ଭଲ । ତା'ନକରି ସତ ହୋଇଥିବ ବୋଲି ଅନ୍ଧ ଭାବରେ ବିଶ୍ୱାସ କରି ଖଣ୍ଡନ କରିବା ହେତୁବାଦରେ ଅନ୍ଧବିଶ୍ୱାସ ହୋଇଯିବ । ଅନ୍ଧଭାବରେ ଶାସ୍ତ୍ରବଦ୍ଧତା ନଥାଇ ଖଣ୍ଡନ କରିବା ଦ୍ୱାରା ହେତୁବାଦୀମାନେ ମଧ୍ୟ ଅନ୍ଧବିଶ୍ୱାସୀ ହେବେ । **ଏକ ସତ୍ୟ ବିଷୟକୁ ଶାସ୍ତ୍ରୀୟତାର ସହିତ ଯେଉଁମାନେ ସମର୍ଥନ କରନ୍ତି, ସେମାନେ ଏକ ଅସତ୍ୟ ବିଷୟକୁ ଶାସ୍ତ୍ରୀୟତାର ସହିତ ଖଣ୍ଡନ କରିବା ଉଚିତ୍** । ତେଣୁ ଆଧ୍ୟାତ୍ମିକକୁ ସାଇନ୍ସ ନୁହେଁ ନକହି, ଆଧ୍ୟାତ୍ମିକରୁ ହିଁ ସାଇନ୍ସ ଜନ୍ମ ହୋଇଛି ବୋଲି ଜାଣିବା ଉଚିତ୍ । ଧର୍ମ ଆଧ୍ୟାତ୍ମିକରୁ ହିଁ ଜନ୍ମ ହୋଇଛି, ସାଇନ୍ସ ଅନୁସାରେ ପ୍ରତ୍ୟେକ ବସ୍ତୁର ଏକ ଧର୍ମ ଥାଏ ବୋଲି କହୁଛେ । ସିଦ୍ଧାନ୍ତ ଆଧ୍ୟାତ୍ମିକରୁ ହିଁ ଜନ୍ମ ହୋଇଛି, ସାଇନ୍ସ ଅନୁସାରେ ଯାହା ସିଦ୍ଧାନ୍ତଯୁକ୍ତ ତାହା ହିଁ ଶାସ୍ତ୍ର । ତେଣୁ ଆଧ୍ୟାତ୍ମିକରୁ ଶାସ୍ତ୍ର ଜନ୍ମ ହୋଇଛି, ସାଇନ୍ସ ଅନୁସାରେ ତାହା ପ୍ରମାଣିତ ହେଉଛି ।

ଭୂମିର ଥିବା ଆକର୍ଷଣ ଶକ୍ତି ଭୂମିର **ଧର୍ମ** ହୋଇଥାଏ । ଭୂମିର ସେହି ଧର୍ମକୁ ଠାବ କରିବା ବେଳେ ତାହା **ସିଦ୍ଧାନ୍ତ** ହୋଇଥାଏ । ସେହି ସିଦ୍ଧାନ୍ତ ଆଚରଣ ପୂର୍ବକ ହେଲାବେଳେ ତାହା **ଶାସ୍ତ୍ର** ହୋଇଥାଏ । ଧର୍ମ ସୃଷ୍ଟ୍ୟାଦିରୁ ଅଛି, ତାହା ଠାବ କଲାବେଳେ ସିଦ୍ଧାନ୍ତ ହୁଏ । ଆଚରଣ କଲାବେଳେ ଶାସ୍ତ୍ର ହୁଏ । ଭୂମିର ଆକର୍ଷଣ ଶକ୍ତି ସୃଷ୍ଟ୍ୟାଦିରୁ ରହିଥିବା ଧର୍ମ । ତାକୁ ଯେତେବେଳେ ନିଉଟନ ନାମକ ବ୍ୟକ୍ତି ଆବିସ୍କାର କଲେ ସେତେବେଳେ ତାହା ସିଦ୍ଧାନ୍ତ ହୋଇଗଲା । ସେହି ସିଦ୍ଧାନ୍ତ ହିଁ ଆଚରଣରେ ଦେଖାଯାଉଛି ।

ତେଣୁ ଯାହା ଶାସ୍ତ୍ର ତାହା ନିଶ୍ଚୟ ଫଳିବ ବା ହୋଇ ରହିବ । ଶାସ୍ତ୍ରର ମୂଳ ନାମ ଶାପ, ଶାପ ନିଶ୍ଚୟ ଫଳିଥାଏ, ଶାପ ଶବ୍ଦର ରୂପାନ୍ତର ହିଁ ଶାସ୍ତ୍ର ବୋଲି ଜାଣିବା ଉଚିତ୍ । ହେତୁବାଦୀମାନେ ସତର୍କତାର ସହିତ ଅନେକ କୋଣରୁ ପରିଶୀଳନ କରି ଦେଖିବା ପରେ ତାହା ଅନ୍ଧବିଶ୍ୱାସ କି ନୁହେଁ ଶାସ୍ତ୍ରବଦ୍ଧତଃ ପ୍ରମାଣିତ କରି କହିବା ଉଚିତ୍ । ଆଉ ଏକ ମୁଖ୍ୟ ବିଷୟ ହେଲା ! **ବିଶ୍ୱାସ ଏକ ଅଭିଯୋଗ ଭଳି । ଅଭିଯୋଗ ସତ୍ୟ ହୋଇପାରେ କିମ୍ବା ମିଥ୍ୟା ହୋଇପାରେ, ତେଣୁ ବିଶ୍ୱାସ ସତ୍ୟ କିମ୍ବା ମିଥ୍ୟା ହୋଇପାରେ । ବିଶ୍ୱାସ ଯେତେବେଳେ ମିଥ୍ୟା ପ୍ରମାଣିତ ହେବ ସେତେବେଳେ ତାହା ଅନ୍ଧବିଶ୍ୱାସ ହେବ, ସତ୍ୟ ହେବାବେଳେ ଶାସ୍ତ୍ରସମ୍ମତ ହେବ ।** ଏତିକି ନଜାଣି ବିଶ୍ୱାସ କହୁ କହୁ ତାହା ଅନ୍ଧବିଶ୍ୱାସ କହିବା ଅନୁଚିତ୍ । ବିଶ୍ୱାସ ଉପରେ ଅନେକ ସତ୍ୟ ଆଧାରିତ ହୋଇ ରହିଛି । ଉଦାହରଣ ସ୍ୱରୂପ ମାତା, ପିତା ବିଶ୍ୱାସଯୋଗ୍ୟ ହୋଇଥିବା ବେଳେ, ନିରାଟ ସତ୍ୟ ହୋଇ ରହିଥାଏ । ତାହାକୁ ହିଁ ଶାସ୍ତ୍ରବଦ୍ଧତା ବୋଲି କହିପାରିବା । ସେହିଭଳି ଜାତି, ମତ (ଧର୍ମ) ବିଶ୍ୱାସନୀୟ ହେଲେ ମଧ୍ୟ ପରିଶୀଳନ ଦ୍ୱାରା ତାହାକୁ ଅସତ୍ୟ ପ୍ରମାଣିତ କରିପାରିବା, ତେଣୁ ତାହାକୁ ଅନ୍ଧବିଶ୍ୱାସ କହିହେବ । ବିଶ୍ୱାସ ଅନ୍ଧବିଶ୍ୱାସ ହୋଇପାରେ, ହେତୁବଦ୍ଧ ହୋଇପାରେ । ତେଣୁ ବିଶ୍ୱାସ କହୁ କହୁ ତାକୁ ତୁରନ୍ତ ଖଣ୍ଡନ ନକରି, ପରିଶୀଳନ କରିବା ପରେ ଯଦି ତାହା ପ୍ରମାଣିତ ହେଉ ନାହିଁ ସେତେବେଳେ ତାହା ଖଣ୍ଡନ କରିବା ଉଚିତ୍ ବୋଲି ଜଣାଉଛୁ ।

ମାନ କହିଲେ ମାପ । ଏକ ପଦାର୍ଥର ନିର୍ଦ୍ଦିଷ୍ଟ ମାପକୁ ତାର ପରିମାଣ ବୋଲି କହୁଛେ । କାଳ ବାବଦରେ କହିବାବେଳେ କାଳମାନ ବୋଲି କହୁଛେ । କାଳମାନ କହିଲେ କାଳ ବା ସମୟର ମାପ । ସେହିଭଳି ମଣିଷ ବିଷୟକୁ ଆସିଲେ ମଣିଷର ଗୋଟିଏ ସ୍ଥିତି ବା ତାର ମହାନତାକୁ ଆମେ କହୁଛେ । ମଣିଷର ଏହି ସ୍ଥିତି ବା ମହାନତା ପ୍ରତ୍ୟେକଙ୍କର ଭିନ୍ନ

ଭିନ୍ନ ରହିଥାଏ । ପ୍ରତ୍ୟେକ ମଣିଷର ମହାନତା ବା ମୂଲ୍ୟ ନିଶ୍ଚୟ ଅଲଗା ଅଲଗା ରହିଥାଏ । ଯାହା ବି ହେଉ କୌଣସି ବିଷୟରେ କେହି ନିଜର ମୂଲ୍ୟକୁ ହରାଇବା ବେଳେ ମୋର ମାନଭଙ୍ଗ ହୋଇଗଲା କହୁଛେ କିମ୍ବା ମାନମହତ ଚାଲିଗଲା ବୋଲି କହୁଛେ । ଅର୍ଥାତ୍ ଏଠାରେ ମଣିଷର କିଛି ମୂଲ୍ୟ କମିଗଲା । ଏହିଭଳି ଆମେ ଅନେକ ସନ୍ଦର୍ଭରେ ମାନ ନାମକ ଶବ୍ଦର ବ୍ୟବହାର କରୁଛେ । ଜଣେ ବ୍ୟକ୍ତିର ଥିବା ମୂଲ୍ୟ ଅନୁସାରେ ତାକୁ କେହି ଅନ୍ୟ ଜଣେ ଯେଉଁ ସମ୍ମାନ ଦେଇଥାଏ ତାକୁ ମର୍ଯ୍ୟାଦା ବୋଲି କହୁଛେ । ମାନମର୍ଯ୍ୟାଦା ନଥିବା ଲୋକେ ମଧ୍ୟ ଜଗତରେ ଅଛନ୍ତି । ମାନ (ମୂଲ୍ୟ) ଥିବାବେଳେ ହିଁ କାହାର ମର୍ଯ୍ୟାଦା ଥାଏ, ମାନ ନଥିଲେ ମର୍ଯ୍ୟାଦା ନଥାଏ । ମାନର ସ୍ଥିତିଗତିକୁ ବିବରଣାତ୍ମକ ଜାଣିବାକୁ ଗଲେ ତାହା ଆଉ କିପରି ଥାଏ ତାହା ନିମ୍ନ ବିବରଣୀ ଅନୁସାରେ ଦେଖନ୍ତୁ ।

ଜଣେ ମଣିଷର ଥିବା ମାନ ଅପେକ୍ଷା ଅଧିକ ତୁଳନା କରି କେହି ଅନ୍ୟ ଜଣେ ଯେଉଁ ସମ୍ମାନ ଦେଇଥାଏ ତାହାକୁ ଅଭିମାନ କହିବା ଉଚିତ୍ । ଭୌତିକ ଅଭିଧାନରେ ଏହା ଏକ ଭିନ୍ନ ଅର୍ଥର ଶବ୍ଦ ହୋଇପାରେ, କିନ୍ତୁ ଆଧ୍ୟାତ୍ମିକ କୋଣରୁ ଅଭିମାନ କହିବା ଉଚିତ୍; ତଥାପି ଅଭି ନାମକ ଉପସର୍ଗର ଅର୍ଥ ଅଧିକ ବା ବିଶେଷତାକୁ ସୂଚିତ କରିଥାଏ । ଉଦାହରଣ ସ୍ୱରୂପ ଜନ କହିଲେ ଲୋକ ବା ମଣିଷ । ତା ପୂର୍ବରୁ "ଅଭି" ଯୋଗ କରି କହିଲେ ଅଭିଜନ ହୋଇଥାଏ । ଅଭିଜନର ଅର୍ଥ ଉଚ୍ଚବଂଶଜ ହୋଇଯାଏ, ସେହିଭଳି ଅଭିଘାତ, ଅଭିଗ୍ରସ୍ତ, ଅଭିଜ୍ଞ, ଅଭିଧାନ ଇତ୍ୟାଦି ଅନେକ "ଅଭି" ଯୁକ୍ତ ଶବ୍ଦ ରହି ଗୋଟିଏ ଶବ୍ଦର ଅର୍ଥରେ ବିଶେଷତା ପ୍ରତିପାଦନ କରିଥାଏ । ସେହି ଅନୁସାରେ ଅଭିମାନ କହିଲେ ଉଚ୍ଚ ମର୍ଯ୍ୟାଦା ବୋଲି କହିପାରିବା, କିନ୍ତୁ ଅଭିମାନ କହିଲେ ପ୍ରିୟ ବ୍ୟକ୍ତିର ତ୍ରୁଟି ଜନିତ କ୍ଷୋଭ ବୋଲି ସମସ୍ତେ ବୁଝିଥାନ୍ତି । ଅଭିମାନୀ କହିଲେ ଆତ୍ମମର୍ଯ୍ୟାଦା ହାନୀରେ ଯିଏ କ୍ଷୁବ୍ଧ ହୁଏ ବୋଲି ଯଦି ବୁଝିବା ତେବେ ମାନର ବିଶେଷତା ଉଚିତ୍

ପଦ୍ଧତିରେ ରହିଲା ନାହିଁ । ତାହା ଏକ ଶବ୍ଦରେ ପରିଣତ ହୋଇ ସ୍ୱତନ୍ତ୍ର ଅର୍ଥ ପ୍ରକାଶ କଲା, ତେଣୁ ଅଭିମାନ କହିଲେ ଜଣେ ମଣିଷର ଥିବା ମାନ ଅପେକ୍ଷା ଅଧିକ ମାନକୁ ତୁଳନା କରି, କେହି ଅନ୍ୟ ଜଣେ ଯେଉଁ ସମ୍ମାନ ଦେଇଥାଏ ତାହାକୁ "ଅଭିମାନ" ବୋଲି ପଦ୍ଧତି ଅନୁସାରେ କହିପାରିବା । ସେହିଭଳି କାହାର ମୂଲ୍ୟ ଆମକୁ ଜଣା ନଥିବା ବେଳେ ଅର୍ଥାତ୍ ତାର ମାନ ଆମକୁ ଜଣା ନଥିବା ବେଳେ ଆମେ ତାହାକୁ "ଅନୁମାନ" କହୁଛେ । ଯାହାର ନିର୍ଦ୍ଦିଷ୍ଟତା ଆମକୁ ଜଣାଥାଏ ସେତେବେଳେ ଯାହା ଜାଣୁଛେ ତାହାକୁ "ପରିମାଣ" କହୁଛେ । ତେଣୁ ଯାହା ଅଛି ତାଠାରୁ ଅଧିକ ତୁଳନା କରି କହିଲେ ଅଭିମାନ, ଯାହା ଅଛି ତାଠାରୁ କମ୍ ତୁଳନା କରି କହିଲେ ଅବମାନ, ଯାହା ଅଛି ତା ବାବଦରେ ଜଣା ନଥିବା ବେଳେ ଅନୁମାନ କହିବା ଉଚିତ୍ । ଏହିଭଳି ଜଣେ ବ୍ୟକ୍ତି ବାବଦରେ କିମ୍ବା କୌଣସି ବସ୍ତୁ ବାବଦରେ କହିବାବେଳେ ଏହି ତିନି ପଦର ବ୍ୟବହାର ଆମେ ନିତ୍ୟ ଜୀବନରେ କରୁଛେ । ଏଠାରେ କିଛିଲୋକ ଏକ ପ୍ରଶ୍ନ କରିପାରନ୍ତି । ତାହା କଣନା ! ମଣିଷର ଚଲିଚଳନ ଅନୁସାରେ ଅବମାନ, ଅଭିମାନ, ଅନୁମାନ ପଦକୁ ବ୍ୟବହାର କରିପାରିବା ସିନା ଏକ ବସ୍ତୁ ଉପରେ କିପରି ବ୍ୟବହାର କରିବା ? ଏହାର ସମାଧାନ ହେଉଛି !

ମାନ, ଅବମାନ, ଅଭିମାନ, ଅନୁମାନ ଜୀବ ନଥିବା ଜିନିଷର ମଧ୍ୟ ଥାଏ । ଉଦାହରଣ ସ୍ୱରୂପ ଏକ ପ୍ରତିମା ବିଷୟରେ ଦେଖିଲେ, ସମାଜରେ ଏକ ପ୍ରତିମାର କିଛି ମୂଲ୍ୟ ରହିଥାଏ । ତାହାକୁ ପ୍ରତିମାର ମାନ କହିପାରିବା । ପ୍ରତିମାଟିକୁ ସମ୍ମାନ ଦେଖାଇ ତାର ପୂଜା କରିବା ଦ୍ୱାରା ତାକୁ କିଛିଲୋକ ମର୍ଯ୍ୟାଦା (ସମ୍ମାନ) ଦେଇଥାନ୍ତି । ୧) ପ୍ରତିମା ଉପରେ ମୁସ୍ଲିମମାନେ ବ୍ୟତିରେକତା ବ୍ୟକ୍ତ କରୁଥିବାରୁ ତା ପ୍ରତି ସେମାନଙ୍କର ଅବମାନନା ରହିଛି ବୋଲି କହିପାରିବା । ୨) କେତେକ ପ୍ରତିମାକୁ ମହାନ ଭାବି ପୂଜା କରିବା ଦ୍ୱାରା ପ୍ରତିମା ଉପରେ ସେମାନଙ୍କର ଅଭିମାନ ଅଛି

ବୋଲି କହିପାରିବା । ୩) ପ୍ରତିମାର ମୂଲ୍ୟକୁ ନବୁଝି, ପ୍ରତିମା ବାବଦରେ ନଜାଣି, କୌଣସି ପ୍ରମାଣ ତା ବାବଦରେ ନପାଇ ତାର ମୂଲ୍ୟକୁ ଖଣ୍ଡନ କରୁଥିବା ନାସ୍ତିକମାନଙ୍କର ପ୍ରତିମା ଉପରେ ଅନୁମାନ ଅଛି ବୋଲି କହି ପାରିବା । ଏହିଭଳି ଜୀବନ ଥିବା ମଣିଷର ମୂଲ୍ୟ (ମାନ) ଉପରେ ମଧ୍ୟ ଅଭିମାନ, ଅନୁମାନ, ଅବମାନ ଯୋଗ କରାଯାଇଥାଏ । ଏହି ବିବରଣୀରୁ କାହାର ମାନକୁ (ମୂଲ୍ୟକୁ) ଗ୍ରହଣ କରିବା ବିଧି ଅନୁସାରେ ଅବମାନ, ଅଭିମାନ, ଅନୁମାନ ରହିଥାଏ ବୋଲି ପ୍ରମାଣିତ ହେଉଛି । ନିଜଠାରୁ ଭିନ୍ନ ପ୍ରାଣଥିବା, ପ୍ରାଣ ନଥିବା କିଛିକୁ ଆମେ ଯେଉଁଭଳି ମୂଲ୍ୟ ଦେଉଛେ, ସେହି ଅନୁସାରେ ମଣିଷକୁ ତିନି ଭାଗରେ ବିଭକ୍ତ କରିପାରିବା । ୧) ଅବମାନନା କରୁଥିବା ୨) ଅଭିମାନ ରଖୁଥିବା ୩) ଅନୁମାନ କରୁଥିବା । ଏହାକୁ ହିଁ ଆମେ ଦୂଷଣ, ଭୂଷଣ, ତୀରସ୍କାର କହୁଛେ । ଅବମାନନା କରିବାକୁ ଦୂଷଣ ବା ଆରୋପ, ଅଧିକ ମର୍ଯ୍ୟାଦା (ସମ୍ମାନ ବା ଅନୁରାଗ) ଦେବାକୁ ଭୂଷଣ, ସନ୍ଦେହ କରିବାକୁ ତୀରଷ୍କାର କହିପାରିବା । ସେହି ଅନୁସାରେ ଦୂଷକ (ଆରୋପଣକାରୀ)କୁ ନାସ୍ତିକ, ଭୂଷଣବନ୍ତକୁ ଆସ୍ତିକ, ସନ୍ଦେହ କରି ତୀରସ୍କାର କରୁଥିବା ଲୋକକୁ ବା ବିମର୍ଶ କରୁଥିବା ଲୋକକୁ ହେତୁବାଦୀ ଭାବରେ କହିପାରିବା । ଏଭଳି ମଣିଷ ବିଷୟରେ ଦୂଷଣ, ଭୂଷଣ, ତୀରସ୍କାର ବୋଲି କହିଲେ ମଧ୍ୟ ଦୈବି ବିଷୟରେ କହିବାବେଳେ, ନାସ୍ତିକ, ଆସ୍ତିକ, ହେତୁବାଦ ବୋଲି କହିପାରିବା । ନାସ୍ତିକ, ଆସ୍ତିକମାନଙ୍କ ମଝିରେ ଥାଆନ୍ତି ହେତୁବାଦୀମାନେ । କାରଣ! ଐଶ୍ୱରୀୟ ବିଷୟରେ ହେତୁବଦ୍ଧତାକୁ ଜାଣିବା ବେଳେ, ହେତୁବାଦୀମାନେ ଆସ୍ତିକ ଭାବରେ ବଦଳିଯାଇ ପାରନ୍ତି, ସେହିଭଳି ହେତୁବଦ୍ଧତାକୁ ଜାଣି ନପାରିବା ବେଳେ ନାସ୍ତିକ ଭାବରେ ବଦଳିଯାଇ ପାରନ୍ତି ।

ଜଣେ ମଣିଷ ଥିବାବେଳେ ତା ଉପରେ ଅଭିମାନ, ଅବମାନ, ଅନୁମାନ ରହିବ, ସେହିଭଳି ଈଶ୍ୱର ଥିବାବେଳେ ତାଙ୍କ ଉପରେ ମଧ୍ୟ

ଆସ୍ତିକ, ନାସ୍ତିକ, ହେତୁବାଦ ଭାବ ରହିବ । ବିଶ୍ୱରେ ଦେଖାଯାଉଥିବା ମଣିଷ ଅଛି, ସେହିଭଳି ଦେଖାଯାଉ ନଥିବା ଈଶ୍ୱର ମଧ୍ୟ ଅଛନ୍ତି । ଆଜିର କାଳରେ ଈଶ୍ୱରଙ୍କ ଉପରେ ମଣିଷର ଥିବା ନାସ୍ତିକବାଦ, ଆସ୍ତିକବାଦ, ହେତୁବାଦ କିପରି ଅଛି ଏବେ ବିବରଣୀ ଦେଇ ପାରିବା । ଆଜି ଈଶ୍ୱରଙ୍କ ସମାଚାର କଣ ? ଈଶ୍ୱର କିଏ ? ତାଙ୍କର ମହାନତା କିପରି ? ଈଶ୍ୱର କାହାକୁ କହିବା ? ତାଙ୍କ ପରିମାଣ କେତେ ? ଇତ୍ୟାଦି ବିଷୟ ଜଣାନଥିବା ଲୋକମାନେ ନାସ୍ତିକ ଭାବରେ ରହିଛନ୍ତି । ଈଶ୍ୱରଙ୍କ ସ୍ଥାନରେ ଅନେକ ଦେବତାଙ୍କୁ ଆଣି ସେମାନଙ୍କୁ ଈଶ୍ୱର ଭାବି, ମହାନ କରି ପ୍ରକୃତ ଈଶ୍ୱର କିଏ ନଜାଣିବା ସ୍ଥିତିରେ ଅନେକଲୋକ ରହିଛନ୍ତି । ଷଡଶାସ୍ତ୍ର ଭିତରେ ଭଗବଦ୍ଗୀତା ହିଁ ବ୍ରହ୍ମବିଦ୍ୟା ବୋଲି ଜାଣି ନଥିବା ସ୍ୱାମୀଜୀମାନେ ଗୀତାକୁ ପ୍ରମାଣ ଭାବରେ ନନେବା ଦ୍ୱାରା ପ୍ରକୃତ ଈଶ୍ୱରଙ୍କ ବାବଦରେ ଥିବା ତଥ୍ୟ ଅଜଣା ରହିଯାଇଛି । ଐଶ୍ୱରୀୟ ବିଷୟ ଶାସ୍ତ୍ରବଦ୍ଧତା ଥିବା ଜ୍ଞାନ ବୋଲି ଜାଣିନଥିବା ଲୋକମାନେ ସେମାନଙ୍କ ନାନାବିଧ ବାଣୀକୁ ପ୍ରଚାର କରିବା ଦ୍ୱାରା ଈଶ୍ୱର ନାମକ ଶବ୍ଦକୁ କଳଙ୍କିତ କରିଦେଇଛନ୍ତି । ପ୍ରତ୍ୟେକ ଭିନ୍ନ ଭିନ୍ନ ବାଣୀ ବୋଧ କରିବା ଦ୍ୱାରା, କାହା ବାଣୀ ସହିତ କାହା ବାଣୀକୁ ତୁଳନା କରିବା ଅସମ୍ଭବ ହୋଇପଡିଛି । ସ୍ୱାମୀଜୀମାନେ ସେମାନଙ୍କୁ ବୁଝାପଡିଥିବା ରୀତିରେ ବୁଝାଇ, ଶାସ୍ତ୍ରବଦ୍ଧତା ନଥିବା ବିଷୟ କହିବା ଦ୍ୱାରା ଦୈବତ୍ତ୍ୱର ନିର୍ଦ୍ଦିଷ୍ଟ ପ୍ରମାଣ ଆଜି କାହା ପାଖରେ ନାହିଁ । **ଜ୍ଞାନ ନାମରେ ଅଜ୍ଞାନ, ସ୍ୱାମୀଜୀ ନାମରେ ଦୈବ ବ୍ୟତିରେକ ମାୟା ପ୍ରତିନିଧି ହୋଇ ସେମାନେ ଅଛନ୍ତି ବୋଲି ସେମାନଙ୍କୁ ଜଣା ନାହିଁ** । ମାୟାର ପ୍ରତିରୂପ ହୋଇ ଦୈବତ୍ତ୍ୱ ନାମରେ ମାୟାତତ୍ତ୍ୱକୁ ବୋଧ କରୁଥିବା ଲୋକମାନେ ଆସ୍ତିକ ବେଶରେ ଥିଲେ ମଧ୍ୟ ସେମାନେ ସମସ୍ତେ ନାସ୍ତିକ ।

ଆଲୋଚନା ଶକ୍ତି ଥିବା କିଛିଲୋକେ ଶାସ୍ତ୍ରସମ୍ମତ ହୋଇନଥିବା ଭ୍ରାନ୍ତ ଆସ୍ତିକତ୍ୱକୁ ଦେଖି "ଏଇ କ'ଣ ଦୈବତ୍ତ୍ୱ ?' ବୋଲି ପ୍ରଶ୍ନ କରୁଛନ୍ତି ।

ଈଶ୍ୱର କିଏ ? ବୋଲି ପ୍ରଶ୍ନକରି ପ୍ରତ୍ୟକ୍ଷ ଭାବରେ ଥିବା ଆସ୍ତିକ ମାନଙ୍କଠାରୁ କୌଣସି ସମାଧାନ ନପାଇ,ଶେଷରେ ଈଶ୍ୱରଙ୍କ ଅସ୍ତିତ୍ୱ ବାବଦରେ ନଜାଣି ଆମେ ନାସ୍ତିକ ବୋଲି ମୁକ୍ତ କଣ୍ଠରେ କହୁଛନ୍ତି । ଆସ୍ତିକତ୍ୱ କହିଲେ ଆଜି ରହିଥିବା ପଦ୍ଧତି କି ଆଉକିଛି ଅଛି ? ଟିକିଏ ବିଚାର କରୁନାହାନ୍ତି । ଆଜିର ଲୋକେ ନିଜକୁ ଆସ୍ତିକ ନାଆଁ ଦେଇଥିଲେ ମଧ୍ୟ ସେମାନେ ନାସ୍ତିକମାନଙ୍କ ଭଳି ନାସ୍ତିକ, ଯାହା ଆଚରଣ କରୁଛନ୍ତି ତାହା ନାସ୍ତିକବାଦ ବୋଲି ନିଜେ ଜାଣିପାରୁ ନାହାନ୍ତି । ଆସ୍ତିକତ୍ୱ କହିଲେ ତାର ଏକ ନିର୍ଦ୍ଦିଷ୍ଟ ଅର୍ଥ ଅଛି କି ନାଇଁ ବୋଲି ବିଚାର ନକରି, ସ୍ୱାମୀଜୀମାନଙ୍କୁ, ଭକ୍ତମାନଙ୍କୁ ଆସ୍ତିକ ଭାବି ନାସ୍ତିକମାନେ ମଧ୍ୟ ଭୁଲ କରୁଛନ୍ତି । ଈଶ୍ୱର କିଏ ଜାଣିବା ପରେ ଆସ୍ତିକତ୍ୱର ମୂଲ୍ୟ ଥାଏ । ମଣିଷ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିବା ବେଳେ ଈଶ୍ୱରଙ୍କୁ ସମ୍ମାନ ଦେଇପାରିବ । ଆମେ ଥିବାବେଳେ ସମ୍ମାନ ଥାଏ ନାମକ ସୂତ୍ର ଅନୁସାରେ ଈଶ୍ୱରଙ୍କ ମୂଲ୍ୟ ଜଣାଯିବା ବେଳେ ତାଙ୍କ ଉପରେ ଅଭିମାନ ରଖିପାରିବା । ତାଙ୍କ ବାବଦରେ ନଜାଣି, ତାଙ୍କ ସ୍ଥାନରେ ଇଚ୍ଛା ଅନୁସାରେ ଦେବତାମାନଙ୍କୁ ରଖି, ଈଶ୍ୱର ଭାବରେ ତୁଳନା କରି ଆରାଧନା କରୁଥିବା ଲୋକମାନଙ୍କ ଧ୍ୟାନ ଈଶ୍ୱରଙ୍କ ଉପରେ କେଉଁଠାରୁ ବା ଆସିବ ? ଈଶ୍ୱରଙ୍କ ବାବଦରେ ଜାଣିନଥିବା ଆସ୍ତିକମାନଙ୍କ ପାଖରେ ଜ୍ଞାନଧନ ନଥିବାରୁ ସେମାନେ ମଧ୍ୟ ନାସ୍ତିକ । ଏକ ପ୍ରକାରରେ କହିଲେ ଆଜି ଆସ୍ତିକ, ନାସ୍ତିକ ଉଭୟ ଗୋଟିଏ ବର୍ଗର ହୋଇଯାଇଛନ୍ତି, ସେହିଭଳି ସେମାନଙ୍କ ପାଖରେ ଜ୍ଞାନଧନ ହିଁ ନାହିଁ । ଜଣେ ମୁଣ୍ଡାରେ ମାଟି ରଖି ଖୁସି ହୋଇ ମୁଁ ଆସ୍ତିକ କହୁଥିବା ନାସ୍ତିକ ହୋଇଥିବା ବେଳେ, ଆଉଜଣେ ଖାଲିମୁଣ୍ଡା ଦେଖାଇ ମୋ ପାଖରେ ଧନ ନାହିଁ, କି ମୋର ସେ ଧନ ଦରକାର ନାହିଁ କହୁଥିବା ଆସ୍ତିକ ହୋଇ ରହିଛି । ଏହିଭଳି ଆସ୍ତିକ, ନାସ୍ତିକ ଉଭୟ ଗୋଟିଏ ବର୍ଗର ହୋଇ ରହିଥିବା ସ୍ଥଳେ, ହେତୁବାଦୀମାନେ ସେମାନଙ୍କଠାରୁ ଟିକିଏ ଅଲଗା ଦେଖାଯାଉଛନ୍ତି ।

ହେତୁବାଦୀମାନେ ପ୍ରତ୍ୟେକ ବିଷୟକୁ ବିଜ୍ଞାନ ସହିତ ତୁଳନା କରି, ଯେତିକି ଜାଣିଛନ୍ତି ତାହା ହିଁ ବିଜ୍ଞାନ, ଯାହା ଜଣା ନାହିଁ ତାହା ବିଜ୍ଞାନ ନୁହେଁ ବୋଲି କହୁଛନ୍ତି । ଐଶ୍ୱରୀୟ ବିଷୟ କହିଲେ ସେମାନେ ନାସ୍ତିକମାନଙ୍କ ଭଳି ନହୋଇ ଯଦି ବିଜ୍ଞାନ ଅନୁସାରେ ବୁଝାଇବ ତାହେଲେ ବୁଝିବୁ, ବିଜ୍ଞାନ ଅନୁସାରେ ନ ବୁଝାଇଲେ ବୁଝିବୁ ନାହିଁ ବୋଲି କହୁଛନ୍ତି । ଶେଷରେ ଆଧ୍ୟାତ୍ମିକ, ଈଶ୍ୱର ଏସବୁ ବିଜ୍ଞାନ ନୁହେଁ, କେବଳ ଏକ ବିଶ୍ୱାସ ଉପରେ ଆଧାରିତ ବୋଲି କହୁଛନ୍ତି । ମୁଖ୍ୟତଃ ଈଶ୍ୱରଙ୍କୁ ବିଜ୍ଞାନ ଅନୁସାରେ ପ୍ରମାଣିତ କରି ଦେଖାଇଲେ ଈଶ୍ୱରଙ୍କୁ ବିଶ୍ୱାସ କରିବୁ, ଆମଠାରେ ଏଭଳି ବିଶ୍ୱାସ କେହି ଆଣିପାରି ନାହାନ୍ତି କି ଆଣିପାରିବେ ନାହିଁ ବୋଲି କହନ୍ତି, କିନ୍ତୁ ହେତୁବାଦୀମାନେ ବିଜ୍ଞାନ ଅନୁସାରେ ଈଶ୍ୱର ନାହାନ୍ତି ବୋଲି ଆମେ ପ୍ରମାଣିତ କରିପାରିବା କି ବୋଲି ଟିକିଏ ବିଚାର କରନ୍ତି ନାହିଁ । ଏକ ପ୍ରକାରରେ ଆଜିର ଆସ୍ତିକମାନେ ହେତୁବାଦୀମାନଙ୍କୁ ପ୍ରମାଣ ଦେଇ ପାରନ୍ତି ନାହିଁ କହିବା ସତ୍ୟ । କାରଣ ! ଆସ୍ତିକମାନଙ୍କୁ ଶାସ୍ତ୍ର (ସାଇନ୍ସ) କଣ ଜଣା ନାହିଁ । ଆସ୍ତିକମାନଙ୍କୁ ବିଜ୍ଞାନ ଜଣା ନାହିଁ ବୋଲି କଣ ଈଶ୍ୱର ହେତୁବଦ୍ଧ ନୁହନ୍ତି ! ତେଣୁ ହେତୁବାଦୀମାନେ ଈଶ୍ୱର ହେତୁବଦ୍ଧ ଭାବରେ ନାହାନ୍ତି କହିବା କେତେଦୂର ଠିକ୍ ? ଆଜି ଆସ୍ତିକମାନେ କହୁଥିବା କଳ୍ପିତ ପୁରାଣ ବିଜ୍ଞାନ ଆଗରେ ଛିଡାହୋଇ ପାରିବ ନାହିଁ । ପୁରାଣକୁ ସେମାନେ ବିଜ୍ଞାନ ଅନୁସାରେ ପ୍ରମାଣିତ କରିପାରିବେ ନାହିଁ । ପୁରାଣ କହୁଥିବା ବିଷୟର ଆଧାରରେ ଆଧ୍ୟାତ୍ମିକ, ଈଶ୍ୱରଙ୍କ ଅସ୍ତିତ୍ୱ ସାଇନ୍ସ ନୁହେଁ ବୋଲି ହେତୁବାଦୀମାନେ କରୁଥିବା ଯୁକ୍ତି ଠିକ୍ ହେଲେ ମଧ୍ୟ ସେଠାରେ କିଛି ପ୍ରଶ୍ନ ନିଶ୍ଚୟ ବଳକା ରହିଯାଏ । ତାହା ହେଉଛି ! ଆସ୍ତିକମାନଙ୍କ କଥା ପ୍ରମାଣିତ ହୋଇପାରିବ ନାହିଁ, ତାହା କେବଳ ବିଶ୍ୱାସ ବୋଲି କହୁଥିବା ହେତୁବାଦୀମାନେ, ସେମାନଙ୍କ ପରିଶୀଳନ ଦ୍ୱାରା ପରିଶୋଧନ କରି ଏହା ପ୍ରମାଣିତ ହେଉନଥିବା ବିଷୟ ବୋଲି କଣ କହିପାରନ୍ତେ ନାହିଁ !

ସବୁବେଳେ ଆସ୍ତିକମାନେ କହୁଥିବା କଥାକୁ ଏହା ଏକ ବିଶ୍ୱାସ ମାତ୍ର ବୋଲି କହିଦେଇଥାନ୍ତି ସିନା, ସେମାନଙ୍କୁ ଜଣାନଥିବା ଶାସ୍ତ୍ରବଦ୍ଧତା କିଛି ହୁଏତ ଥାଇପାରେ ବୋଲି କାହିଁକି ବିଚାର କରି ଦେଖୁନାହାନ୍ତି ? ଯୋଗଶାସ୍ତ୍ର ନାମରେ ନାମିତ ହୋଇଥିବା ଭଗବଦ୍ଗୀତାର ବିଷୟରେ ଶାସ୍ତ୍ରବଦ୍ଧତା ଅଛି କି ନାହିଁ କାହିଁକି ବିଚାର କରି ପାରୁନାହାନ୍ତି ? ଷଡଶାସ୍ତ୍ର ନାମରେ ନାମିତ ହୋଇଥିବା ଛଅଗୋଟି ଶାସ୍ତ୍ର କଣ ? କଣ ? ତାହାସବୁ ଶାସ୍ତ୍ରବେତ୍ତା ବୋଲାଉଥିବା ହେତୁବାଦୀ ମାନଙ୍କୁ ଜଣାଅଛି ? ଶାସ୍ତ୍ର ମାତ୍ର ଚାରିଗୋଟି ଅଛି କହୁଥିବା ହେତୁବାଦୀ ମାନଙ୍କର ଏହା କଣ ଅନ୍ଧବିଶ୍ୱାସ ନୁହେଁ ! ସେମାନଙ୍କୁ ଯାହା ଜଣାଅଛି ତାହା ହିଁ ଶାସ୍ତ୍ର, ଯାହା ଜଣା ନାହିଁ କଣ ତାହା ଶାସ୍ତ୍ର ନୁହେଁ ? ଅଷ୍ଟାଦଶ ପୁରାଣକୁ ପ୍ରତ୍ୟାଖ୍ୟାନ କରିପାରିବା, ହେଲେ ଷଡଶାସ୍ତ୍ରକୁ ହେତୁବାଦୀମାନେ ଖଣ୍ଡନ କରିପାରିବେ ? ଛଅଗୋଟି ଶାସ୍ତ୍ର ଗୋଟିକ ସହିତ ଗୋଟିଏ ଅନୁସନ୍ଧିତ ହୋଇ ଥିବାବେଳେ, ସେଗୁଡିକର ଅନୁସନ୍ଧାନକୁ ସାଇନ୍ସ ଅନୁସାରେ କାଟି ପାରିବେ ? ସେମାନଙ୍କୁ ବୁଝାପଡୁ ନାହିଁ ବୋଲି ଭଗବଦ୍ଗୀତାକୁ କଳ୍ପିତ କହୁଥିବା ହେତୁବାଦୀମାନେ, ଗୀତା ବିଷୟକୁ ବିଜ୍ଞାନ ରୂପରେ ଦେଖାଇ ଏହା ଶାସ୍ତ୍ର ନୁହେଁ ବୋଲି ପ୍ରମାଣିତ କରିପାରିବେ ? ଆମକୁ ଜୀବଶାସ୍ତ୍ର ଜଣାଅଛି କହୁଥିବା ହେତୁବାଦୀମାନେ, ଜୀବାତ୍ମା ବୋଲି ରହିଥିବା ପଦକୁ କାହିଁକି ଖଣ୍ଡନ କରୁଛନ୍ତି ? ଏଭଳି ନାନା ବିଷୟର ସମ୍ପୂର୍ଣ୍ଣ ସମାଧାନ ଜାଣିବା ଆଗରୁ, ଭାବନା କରି କହୁଥିବା ହେତୁବାଦୀମାନେ କଣ ଅନ୍ଧବିଶ୍ୱାସୀ ନୁହନ୍ତି ?

କୌଣସି ଏକ ଭକ୍ତି ଥିବା ଲୋକମାନେ ଆମେ ଆସ୍ତିକ ବୋଲି ଭୁଲ୍ ବୁଝିଥିବା ଭଳି, କିଛି ବିଷୟ ବିଜ୍ଞାନରୁ ଜାଣି ଆମେ ହେତୁବାଦୀ ବୋଲି ନିଜକୁ କିଛିଲୋକ ଭୁଲ ବଶତଃ ଭାବିଥାନ୍ତି । ପ୍ରକୃତ ଧନ କଣ ଆଜି ଆସ୍ତିକ ମାନଙ୍କୁ ଜଣାନଥିବା ଭଳି, ପ୍ରକୃତ ହେତୁବଦ୍ଧତା କଣ ଆଜି ହେତୁବାଦୀ ମାନଙ୍କୁ ଜଣାନାହିଁ, ତେଣୁ ଚଳିତ କାଳର ଆସ୍ତିକମାନେ

ଆସ୍ତିକ ନୁହନ୍ତି, ହେତୁବାଦୀମାନେ ହେତୁବାଦୀ ନୁହନ୍ତି, ସମସ୍ତେ ବୃଥାବାଦୀ କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଏହିଭଳି ଆଜିର ଆସ୍ତିକବାଦୀ ମାନଙ୍କୁ, ହେତୁବାଦୀ ମାନଙ୍କୁ ପ୍ରଶ୍ନକରି, ଶାସ୍ତ୍ରବଦ୍ଧ ବିଷୟକୁ ସେମାନେ ଜାଣିପାରିବା ବେଳେ, ସେମାନେ ପ୍ରକୃତ ଆସ୍ତିକବାଦୀ, ହେତୁବାଦୀ ହୋଇପାରିବେ ବୋଲି ଜଣାଉଛୁ । ସୃଷ୍ଟି ଆଦିରେ ସର୍ବପ୍ରଥମେ ଜନ୍ମ ହୋଇଥିଲା ଦୈବଶାସ୍ତ୍ର, ତାହାକୁ ହିଁ ବ୍ରହ୍ମବିଦ୍ୟା ଶାସ୍ତ୍ର କୁହାଯାଏ, ଯୋଗଶାସ୍ତ୍ର କୁହାଯାଏ । ପ୍ରଥମେ ଜନ୍ମ ହୋଇଥିବା ଯୋଗଶାସ୍ତ୍ର ଈଶ୍ୱର ସମ୍ବନ୍ଧୀୟ, ତେଣୁ ତାହାକୁ ସ୍ୱୟଂ ଈଶ୍ୱର ହିଁ ସୂର୍ଯ୍ୟଗ୍ରହକୁ କହିଥିଲେ । ସୂର୍ଯ୍ୟଗ୍ରହ ଦେଖିବାକୁ, ଏକ ଜଳୁଥିବା ଗୋଳ, ତାହା ହିଁ ସୂର୍ଯ୍ୟଗ୍ରହର ସ୍ଥୁଳରୂପ । ଜୀବ ଥିବା ପ୍ରତ୍ୟେକଙ୍କର ସୂକ୍ଷ୍ମ ରୂପ ରହିଥାଏ । ବିଷୟକୁ ଗ୍ରହଣ କରିପାରୁଥିବାରୁ ତାହାକୁ ଗ୍ରହ କହୁଛେ । ସେଦିନର ସର୍ବପ୍ରଥମ ଦୈବଶାସ୍ତ୍ରକୁ ସୂର୍ଯ୍ୟଗ୍ରହ ଗ୍ରହଣ କରି, ତାପରେ ଭୂପୃଷ୍ଠରେ ଥିବା ମାନବକୁ ଜଣାଇଥିଲେ । ପ୍ରଥମେ ଭୂପୃଷ୍ଠକୁ ସୂର୍ଯ୍ୟଙ୍କ ଦ୍ୱାରା ଆସିଥିବା ଶାସ୍ତ୍ର ହିଁ ଯୋଗଶାସ୍ତ୍ର । ସେହି ଯୋଗଶାସ୍ତ୍ରକୁ ପୁଣି ଥରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅର୍ଜୁନଙ୍କୁ କୁହାଯାଇଥିଲା । ପ୍ରଥମ ହୋଇଥିବା ଯୋଗଶାସ୍ତ୍ର ଭୂପୃଷ୍ଠକୁ ଆସିବା ପରେ ମଣିଷର ସ୍ମୃତିରୁ ଅନ୍ୟ ପାଞ୍ଚଗୋଟି ଶାସ୍ତ୍ର ଉଦ୍ଭବ ହୋଇଥିଲା । ମଣିଷର ସ୍ମୃତିରୁ ଉଦ୍ଭବ ହୋଇଥିବା ୫ଗୋଟି ଶାସ୍ତ୍ର କେବଳ ପ୍ରକୃତି ସମ୍ବନ୍ଧୀୟ ହୋଇ ରହିଛି, ତାପରେ ବେଦ, ଉପନିଷଦ, ପୁରାଣ ଇତ୍ୟାଦି ତିଆରି ହୋଇଥିଲା । ଶାସ୍ତ୍ର ପରେ ଆସିଥିବା ବେଦ ମଣିଷର ମୁଣ୍ଡରେ ଥିବା ଗୁଣର ପ୍ରତିରୂପ ହୋଇ ରହିଗଲା । ତେଣୁ ବେଦ ହିଁ ଯୋଗଶାସ୍ତ୍ର ପାଇଁ ଦେଖାଯାଉ ନଥିବା ଶତ୍ରୁ ହୋଇଗଲା । ଈଶ୍ୱରଙ୍କୁ ବେଦ ଦ୍ୱାରା ଜଣାଯାଇ ପାରେ କହି ବେଦ ମାନବକୁ ଭ୍ରମିତ କରିବାକୁ ଲାଗିଲା । ମଣିଷ ଦୈବଦତ୍ତ ଯୋଗଶାସ୍ତ୍ରକୁ ଛାଡି ପ୍ରକୃତିଜ ବେଦର ଆଶ୍ରୟ ନେବାକୁ ଲାଗିଲା । ପୂର୍ବକାଳରୁ ହିଁ ବେଦକୁ ଜୀର୍ଣ୍ଣକରି, ତାଠାରୁ ମହୋନ୍ନତ ହୋଇଥିବା ଦୈବଶାସ୍ତ୍ରକୁ ଭୁଲିଗଲା, ସେହି ଅନୁସାରେ

ଆଜି ଦୈବଦତ୍ତ ଭଗବଦ୍ଗୀତାକୁ ଖାତର ନକରି ବେଦକୁ ମହାନ କହୁଥିବା ସ୍ୱାମୀଜୀମାନେ, ପିଠାଧିପତିମାନେ ଅନେକ ଅଛନ୍ତି ।

ପାଠକ ମାନଙ୍କଠାରେ ଏହି ସନ୍ଦର୍ଭରେ ଏକ ପ୍ରଶ୍ନ ଉଭବ ହୋଇ ପାରେ । ତାହା ହେଉଛି ! ବେଦ ଆଗରୁ ଯଦି ଶାସ୍ତ୍ର ଜନ୍ମ ହୋଇଥିଲା, ତନ୍ମଧ୍ୟରୁ ଯୋଗଶାସ୍ତ୍ର ପ୍ରଥମେ ଜନ୍ମ ହୋଇଥିଲା ! ତେବେ ଆଗରୁ ନଥିବା ବେଦ ବାବଦରେ ଭଗବଦ୍ଗୀତାରେ କାହିଁକି କହିଛନ୍ତି ? ଗୀତାରେ ବେଦର ପ୍ରସ୍ତାବ ଆଗତ ହୋଇଥିବାରୁ ଗୀତା ଅପେକ୍ଷା ବେଦ ଆଗରୁ ଜନ୍ମ ହୋଇଥିଲା ବୋଲି ତ ଜଣାପଡୁଛି ! ତେଣୁ ପ୍ରଥମେ ଗୀତା ଜନ୍ମ ହୋଇଥିଲା, ତାପରେ ଅନେକ କାଳ ଉତ୍ତାରେ ବେଦ ତିଆରି ହେଲା ବୋଲି କହୁଥିବା ଆପଣଙ୍କ କଥା କଣ ସତ୍ୟ ? ଏହି ପ୍ରଶ୍ନର ସମାଧାନ ହେଉଛି ! ବେଦ ଜନ୍ମହେବା ଆଗରୁ ସୃଷ୍ଟି ଆଦିରେ ହିଁ ଗୀତା ଜନ୍ମ ହୋଇଥିଲା । ପ୍ରକୃତିରୁ ଜନ୍ମହୋଇଥିବା ୫ଗୋଟି ଶାସ୍ତ୍ର ଜନ୍ମହେବା ଆଗରୁ, ୪ବେଦ ଜନ୍ମହେବା ଆଗରୁ ଈଶ୍ୱରଙ୍କ ଦ୍ୱାରା ଦୈବଶାସ୍ତ୍ର ବା ଯୋଗଶାସ୍ତ୍ର କୁହାଯାଇଥିଲା । ସେତେବେଳେ ଦୈବପ୍ରୋକ୍ତ ଏହି ଶାସ୍ତ୍ରକୁ ଯୋଗଶାସ୍ତ୍ର କହୁଥିଲେ । ଭଗବଦ୍ଗୀତା ସେତେବେଳେ ଯୋଗଶାସ୍ତ୍ର ଭାବରେ ନାମିତ ହୋଇନଥିଲା । କାରଣ ! ସେଦିନ ତାହା ଭଗବାନଙ୍କ ଦ୍ୱାରା କୁହାଯାଇ ନଥିଲା । ପ୍ରଥମେ କୁହାଯାଇଥିବା ଯୋଗଶାସ୍ତ୍ରରେ ବେଦର ପ୍ରଶ୍ନ ନଥିଲା । ବେଦ ସେଦିନ ନଥିଲା, ତେଣୁ ବେଦ ବାବଦରେ କୁହାଯାଇ ନଥିଲା । ଯୋଗଶାସ୍ତ୍ରରେ କେବଳ ଦୈବବିଷୟ ବା ଈଶ୍ୱରଙ୍କ ସମ୍ବନ୍ଧୀୟ ବିଷୟ ଥିଲା । ଯୋଗଶାସ୍ତ୍ର ମହାନତାକୁ ସେଦିନ ସଠିକ୍ ବୁଝିପାରି ନଥିବା ମଣିଷ କାଳକ୍ରମେ ବେଦଜାଲରେ ଛନ୍ଦି ହୋଇଗଲା । ଏହିଭଳି କାଳ ଗମନରେ ଦ୍ୱାପରଯୁଗର ଶେଷ ସମୟରେ ଈଶ୍ୱର ଜଣାଇଥିବା ଯୋଗଶାସ୍ତ୍ର ପାଇଁ ବିପଦ ମାଡିଆସିଥିଲା । ମଣିଷ ବେଦରେ ଆଶକ୍ତି ବଢାଇ ଯୋଗଶାସ୍ତ୍ରକୁ ଭୁଲିଯାଇଥିଲେ । ସେଦିନ ଋଷିମାନେ, ସନ୍ନ୍ୟାସୀମାନେ, ତପସ୍ୱୀମାନେ

ଦୈବମାର୍ଗ ହୋଇନଥିବା ଯଜ୍ଞ, ଦାନ, ବେଦାଧ୍ୟୟନ, ତପସ୍ୟାଦି ବହୁଳ ଭାବରେ କରିବାରେ ଲାଗିପଡିଥିଲେ । ସେହି ସମୟରେ ଈଶ୍ୱର ତାଙ୍କ ଧର୍ମକୁ ରକ୍ଷାକରିବା ପାଇଁ ପୁଣି ଥରେ ଆଗରୁ କହିଥିବା ଯୋଗଶାସ୍ତ୍ରକୁ ଭଗବଦ୍ଗୀତା ରୂପରେ କହିଥିଲେ ।

ଦ୍ୱାପର ଯୁଗରେ ଜଣେ ମାନବ ହୋଇଥିବା ଅର୍ଜୁନଙ୍କୁ ଯୋଗଶାସ୍ତ୍ର କହିଥିଲେ, କହିଥିବା ପାତ୍ର ମଧ୍ୟ ନିଶ୍ଚୟ ଜଣେ ମଣିଷ ହୋଇଥିବ । ତେଣୁ ଦୈବାଂଶ କୃଷ୍ଣ ନାମଧେୟ ଭଗବାନ ଭାବେ ଜନ୍ମହୋଇଥିଲେ । ଯୋଗଶାସ୍ତ୍ରକୁ ଭଗବାନ ଦ୍ୱାପର ଯୁଗରେ କହିଥିବାରୁ ତାହା ଭଗବଦ୍ଗୀତା ନାମରେ ନାମିତ ହୋଇଥିଲା । ସୃଷ୍ଟ୍ୟାଦିରେ ତାହା ସୂର୍ଯ୍ୟଙ୍କୁ କହିବାବେଳେ ବେଦ ନଥିବାରୁ ବେଦର ପ୍ରସ୍ତାବନା ନଥିଲା, ଯାହା ନଥିଲା ତାହା ସେଦିନ କହିବା ଆବଶ୍ୟକ ନଥିଲା । କାଳ ବିତିବା କ୍ରମରେ ବେଦ ଜନ୍ମହୋଇ, ବେଦର ପ୍ରାବଲ୍ୟତା ରହିବା ଦ୍ୱାରା ଦ୍ୱାପର ଯୁଗରେ କହିଥିବା ଭଗବତ୍ ଗୀତାରେ ବେଦ ବାବଦରେ କହିଥିଲେ, ସେଥିରେ ବେଦ ହିଁ ମାୟାର ପ୍ରତିରୂପ ବୋଲି କହିଥିଲେ ମଧ୍ୟ, ମାନବ ତାହା ଶୁଣିବା ସ୍ଥିତିରେ ନଥିବାରୁ, କହିବା ପାତ୍ର ଭଗବାନ ହେଲେ ହେଁ, ଉପରକୁ ମଣିଷ ଶରୀର ହୋଇଥିବାରୁ ମଣିଷ ବିଶ୍ୱାସ କରିପାରିବ ନାହିଁ, କୃଷ୍ଣଙ୍କୁ ସାଧାରଣ ମଣିଷ ଭାବି ତାଙ୍କ କଥାକୁ ଖାତର କରିବ ନାହିଁ ବୋଲି ଜାଣିପାରି, ଶେଷରେ ସ୍ୱୟଂ ଈଶ୍ୱର ହିଁ ବିଶ୍ୱରୂପକୁ ଦେଖାଇଥିଲେ । ବିଶ୍ୱରୂପରୁ କହିଥିବା କଥାରେ ହିଁ ବେଦ ଦ୍ୱାରା ମୋତେ ଜାଣିବା ସମ୍ଭବ ନୁହେଁ ବୋଲି ସ୍ପଷ୍ଟଭାବେ କହିଥିଲେ । ଏକଥା ଭଗବଦ୍ଗୀତାରୁ ଦେଖିପାରିବେ । ଆଦିକାଳରେ ଯୋଗଶାସ୍ତ୍ର ସୂର୍ଯ୍ୟଙ୍କୁ କହିବାବେଳେ ବିଶ୍ୱରୂପ ଦେଖାଇ ନଥିଲେ, ସେଦିନ ବିଶ୍ୱରୂପ ଦେଖାଇବା ଆବଶ୍ୟକ ନଥିଲା । ସେହିଭଳି ସେଦିନ ବେଦ ବିଷୟରେ କହିନଥିଲେ । କାରଣ ! ସେଦିନ ମଧ୍ୟ ତାହା ଆବଶ୍ୟକ ନଥିଲା ।

ଆଜିକୁ ପ୍ରାୟ ୫୨୬୦ ବର୍ଷ ପୂର୍ବେ ଦ୍ୱାପର ଯୁଗରେ ଭଗବାନଙ୍କ ଦ୍ୱାରା ଦ୍ୱିତୀୟଥର ଯୋଗଶାସ୍ତ୍ର କୁହାଯିବା ବେଳେ ତାହା ଗୀତା ନାମରେ କୁହାଯାଇଥିଲା । ସୃଷ୍ଟ୍ୟାଦିରେ ଗୀତା ନାମ ନଥିଲା, ଗୀତା ନାମରେ ନାମିତ ହୋଇଥିଲା ଦ୍ୱାପର ଯୁଗରେ । କାରଣ ! ପ୍ରଥମେ ଯୋଗଶାସ୍ତ୍ର ନାମରେ କୁହାଯାଇଥିବା ଜ୍ଞାନକୁ ଛାଡି, ନିଜ ଇଚ୍ଛା ଅନୁସାରେ ମାନବ ଜ୍ଞାନ ନାମରେ ବେଦ ଏବଂ ଇତର ପୁରାଣକୁ ଆଶ୍ରୟ କରି ବାଟ ଭୁଲି ରହିଯିବ, ତେଣୁ ମଣିଷ ଏହି ଦୁର୍ଗତିରୁ ରକ୍ଷା ପାଇବା ପାଇଁ ଏହା ତୋର ସୀମା ବୋଲି ଅର୍ଥ ଦେଉଥିବା ମାନବ ଭାଷାର "ଗୀତା" ନାମରେ ନାମିତ କରିଥିଲେ । ମାନବ ଦୈବ ବିଷୟରେ ନିଜର ଇଚ୍ଛାକୁ ପ୍ରୟୋଗ ନକରୁ, ମାୟାମାର୍ଗରେ ନଯାଉ ବୋଲି ଏକ ସୀମା ଆଙ୍କି, ଏହି ସୀମା ଭିତରେ ତୁ ଚାଲିବା ବେଳେ ତୋର ଲକ୍ଷ୍ୟରେ ପହଞ୍ଚିପାରିବୁ ବୋଲି କହିଥିଲେ । ଏଭଳି ଦୈବାଙ୍କିତ ସୀମାକୁ ହିଁ ଆମେ ଗୀତା କହୁଛେ । ଏହା ଈଶ୍ୱରଙ୍କ ଦ୍ୱାରା ମଣିଷ ପାଇଁ ଟଣାଯାଇଥିବା ସୀମା ହୋଇଥିବାରୁ, ମାନବ ଚାରିକଡେ ରହିଥିବା ସୀମାରେ ମାନବ ରହିଥିବା ବେଳେ, ତା ଜୀବନର ଅର୍ଥ ଏବଂ ପରମାର୍ଥ ରହିବ । ଈଶ୍ୱର ଟାଣିଥିବା ସୀମା କଅଣ, ଆମ ଚାରିକଡେ ରହିଥିବା ସୀମା କଅଣ ଜାଣିବା ଉଚିତ୍, ସେହି ସୀମା ଭିତରେ ରହି, ତାହାକୁ ଅତିକ୍ରମ ନକରି ଚାଲିବାକୁ ହେଲେ ଆମେ କିପରି ରହିବାକୁ ହେବ ଯଦି ଜାଣି ନପାରିବା ତେବେ ମାନବ ଜୀବନର କୌଣସି ମୂଲ୍ୟ ରହିବ ନାହିଁ ବୋଲି ମଧ୍ୟ ସେଥିରେ କୁହାଯାଇଛି । ବେଦ କୁହାଯାଉଥିବା ବୃକ୍ଷରାଜି, ପୁରାଣ ନାମକ ଲତାଗୁଳ୍ମ, ଯଜ୍ଞ ଯାଗାଦି ନାମକ ଜନ୍ତୁଗଣ, ଜପତପ ନାମକ ପଥୁରିଆ ଭୂମି ଥିବା ଜୀବନ ନାମକ ଅରଣ୍ୟରେ ଜଳାଶୟ ଦିଗରେ ଜନ୍ତୁମାନେ ଚାଲିଲେ ମଧ୍ୟ ଅଗମ୍ୟ ରାସ୍ତା ନାମକ ବ୍ରତ ନିୟମାଦିକୁ ଦେଖି, ଇଏ କି ରାସ୍ତା ବୋଲି ଭ୍ରମିତ ହେଉଥିବା ମାନବକୁ ରାଜମାର୍ଗ ଦେଖାଇ, ଜନ୍ମ ନାମକ ଅରଣ୍ୟରୁ ବାହାରକୁ ଆଣିବା ଉପାୟ ବତାଇ ଦେଇଥାଏ ଗୀତା ।

ମାନଚିତ୍ରରେ ରାଜମାର୍ଗକୁ ରେଖା ଆଙ୍କି ଦର୍ଶାଇ ଦିଆଯାଇଥିବା ଭଳି ଜୀବନ ନାମକ ମାନଚିତ୍ରରେ ରାଜମାର୍ଗ ଭଳି ରେଖା ଆଙ୍କି ଦେଖାଇଥିବା ଜ୍ଞାନ ହେଉଛି ଗୀତା । ତାହାକୁ ଭଗବାନ ଆଙ୍କି ଦେଖାଇଥିବାରୁ ତାହା ହିଁ ଭଗବଦ୍ଗୀତା ।

*****

# ଆପଣ ଆସ୍ତିକ – କି ନାସ୍ତିକ ?

ଆଦିକାଳରେ ଦୈବଜ୍ଞାନ ଜଣାଇଥିଲେ ମଧ୍ୟ କାଳକ୍ରମେ, ତାହା କଣ ବୋଲି ନଜାଣି, ନିଜର ସୀମା କେଉଁଠି ନପାଇ, ସୀମାଲଂଘନ କରି ମଣିଷ ନାସ୍ତିକ ହୋଇଯାଉଛି ବୋଲି ଜାଣୁଥିବା ଈଶ୍ୱର ମଣିଷକୁ ତାର ସୀମା ଚିହ୍ନାଇବା ସଦୃଶ ଗୀତାଗ୍ରନ୍ଥକୁ ଦେଇଥିଲେ । ଈଶ୍ୱର ମଣିଷକୁ ତାର ସୀମା ଚିହ୍ନାଇଥିଲେ ମଧ୍ୟ ଆଜି ଆସ୍ତିକମାନେ କଣ ସେହି ସୀମା ଭିତରେ ଚଳୁଛନ୍ତି ? ଈଶ୍ୱର ଜଣାଇଥିବା ଯୋଗଶାସ୍ତ୍ର ଗୀତାକୁ ଛାଡି, ମଣିଷ ମାୟା ଦେଇଥିବା ବେଦକୁ ଧରିଛି, ମଣିଷ କହୁଥିବା ନାନା ବାଣୀରେ ଆଶକ୍ତ ହୋଇ ପ୍ରଭାବିତ ହେଉଛି । କିଛିଲୋକ ନିଜକୁ ବୈଷ୍ଣବ କହୁଛନ୍ତି, କିଛିଲୋକ ନିଜକୁ ଶୈବ କହୁଛନ୍ତି, ଆଉ କିଛିଲୋକ ଆମେ କୁମାରୀ ସମାଜର କହିବାବେଳେ, କିଛିଲୋକ ଆମେ ଅଚଳ ସମ୍ପ୍ରଦାୟର, ଆମେ ସିଦ୍ଧଯୋଗୀ, ଗୁରୁ ସମ୍ପ୍ରଦାୟୀ କହୁଥାଇ ବୋଧକମାନେ ନାନା ପ୍ରକାରର ବାଣୀ ବୋଧକରି, ଗୀତା ଜ୍ଞାନକୁ ଆଚରଣରେ ଆଣୁନାହାନ୍ତି । ଭଗବତ୍ ଗୀତା କହିଲେ କଅଣ ଆଜି ଜାଣିନଥିବା ହିନ୍ଦୁସମାଜ ତିଆରି ହେଲାଣି । କିଛି ସ୍ୱାମୀଜୀମାନେ ଉପର ଦେଖାଣିଆ ଗୀତାଶ୍ଳୋକ ଗାଉଥିଲେ ମଧ୍ୟ, ସେମାନଙ୍କ ଭାବରେ ଗୀତାର ବ୍ୟତିରେକ ତଥ୍ୟ ରହିଛି । କିଛିଲୋକ ବେଦକୁ ପ୍ରାମାଣିକ ଭାବେ ନେବା ଉଚିତ୍ ସିନା, ଗୀତାରେ କଅଣ ବା

ଅଛି ବୋଲି କହୁଛନ୍ତି । ଗୀତାରେ ସ୍ୱୟଂ ଈଶ୍ୱର ତାଙ୍କ ଜ୍ଞାନରେ ଏକେଶ୍ୱର ଉପାସନା ଜଣାଇଥିବା ବେଳେ, ସ୍ୱାମୀଜୀମାନେ ବହୁଦେବତା ଆରାଧନା ବୋଧ କରୁଛନ୍ତି । ଅନ୍ୟ ଦେବତା ମାନଙ୍କ ଆରାଧନାରେ ମୋକ୍ଷ ମିଳିବା ଅସମ୍ଭବ ବୋଲି ସ୍ୱୟଂ ଭଗବାନ କହିଥିବା ବେଳେ, ଏକଥା ସ୍ୱାମୀଜୀମାନେ ପ୍ରଜାମାନଙ୍କୁ ବୋଧ ନକରି ନିଜେ ଦେବତାମାନଙ୍କ ଆରାଧନା କରୁଛନ୍ତି । ଯେତେବେଳେ ମୋର ଧର୍ମ ଅଧର୍ମରେ ପରିଣତ ହେବ ମୁଁ ସେତେବେଳେ ଭଗବାନ ହୋଇ ଆସି ଧର୍ମବାଣୀ ବୋଧ କରିବି ବୋଲି କହିଥିବା ବେଳେ, ଧର୍ମରୁ କଣିକାଏ ବୋଧ କରିନଥିବା ରାମ ଭଗବାନ ହୋଇ ଜନ୍ମ ହୋଇଥିଲେ ବୋଲି ଆସ୍ତିକମାନେ କିପରି କହୁଛନ୍ତି ? ମୋ ଜନ୍ମ ଅତି ରହସ୍ୟମୟ ଜନ୍ମ, ମୋ ଜନ୍ମ ବାବଦରେ ଜାଣିବା ସହଜ ନୁହେଁ ବୋଲି ସ୍ୱୟଂ ଈଶ୍ୱର କହିଥିବା ବେଳେ, ଶ୍ରୀକୃଷ୍ଣଙ୍କ ଆଚରଣ ଠିକ୍ ନୁହେଁ, ରାମ ହିଁ ସତ୍ ଆଚରଣ କରିଥିଲେ ବୋଲି କହୁଥିବା ସ୍ୱାମୀଜୀମାନେ ଶ୍ରୀକୃଷ୍ଣଙ୍କୁ ହେୟ ଜ୍ଞାନ କରି, ରାମଙ୍କୁ ମହାନ କହିବା କେଉଁ ଆସ୍ତିକ ପଣିଆ ? ଦୈବତ୍ତ୍ୱ କହିଲେ କଅଣ ତାହା ସମ୍ପୂର୍ଣ୍ଣ ଗୀତାରେ କୁହାଯାଇଥିବା ବେଳେ, ତାହା କଅଣ ନଜାଣି ବ୍ରତାଚରଣ କରୁଥିବା ଲୋକମାନେ କେଉଁଭଳି ଆସ୍ତିକ ? ଶରୀର ଭିତରେ ଦୁଇ ପ୍ରକାରର ଯଜ୍ଞ ହୋଇଥାଏ ବୋଲି ଗୀତାରେ କୁହାଯାଇଥିବା ବେଳେ, ବାହ୍ୟଯଜ୍ଞ କରୁଥିବା ଲୋକମାନେ କଣ ଜ୍ଞାନବନ୍ତ ହୋଇଥିବା ଆସ୍ତିକ ? ଯଜ୍ଞ କହିଲେ ଜଳାଇଦେବା ବା ବିନାଶ କରିବା ବୋଲି ଅର୍ଥ ଦେବା ଭଳି ଦ୍ରବ୍ୟଗୁଡିକୁ ବିନାଶ କରିବା ଦ୍ରବ୍ୟଯଜ୍ଞ, ଜ୍ଞାନକୁ ବିନାଶ କରିବା ଜ୍ଞାନଯଜ୍ଞ ବୋଲି ଗୀତାରେ କୁହାଯାଇଥିବା ବେଳେ, ସ୍ୱାମୀଜୀମାନେ ସେମାନଙ୍କ ପ୍ରବଚନ କାର୍ଯ୍ୟକ୍ରମକୁ ଗୀତାଯଜ୍ଞ ବୋଲି ନାମ ଦେବା, ଏତିକି ଥର କରିଛୁ ବୋଲି ୬୪ତମ ଗୀତାଯଜ୍ଞ, ୧୦୦ତମ ଗୀତାଯଜ୍ଞ ଇତ୍ୟାଦି ନାମଦେଇ ପ୍ରଚାର କରିବା କେଉଁ ମହତପଣିଆକୁ ପାଉଛି ? ଗୀତାଜ୍ଞାନ ଅନୁସାରେ ଏଭଳି ନାମ ଦେବାବେଳେ, ସେମାନେ

ଗୀତାକୁ ଏତିକି ଥର ବିନାଶ କରୁଛୁ ବୋଲି କଣ ଅର୍ଥ ମିଳୁନାହିଁ ! ଗୀତା ମଣିଷ ପାଇଁ ଈଶ୍ୱର ଦେଇଥିବା ଏକ ସୀମାରେଖା ବୋଲି କଣ କେହି ଜଣେ ସ୍ୱାମୀଜୀ ଆଜି ବୋଧ କରୁଛନ୍ତି ? ଗୀତାକୁ ସମ୍ପୂର୍ଣ୍ଣ ବୁଝିଯାଇଛୁ କହି ମହାଜ୍ଞାନୀ ବୋଲାଉଥିବା ଲୋକମାନେ ଦେବତାମାନଙ୍କ ପୂଜା ଏହିଭଳି କରିବା ଉଚିତ୍ ବୋଲି କହିବାରେ ଟିକିଏ ଲଜ୍ଜିତ ହୁଅନ୍ତେ ନାହିଁ ? ଅନ୍ୟ ଦେବତାମାନଙ୍କ ଆରାଧନା କର ବୋଲି ସେମାନେ କିପରି କହୁଛନ୍ତି ? ଅନ୍ୟ ଦେବତାମାନଙ୍କ ଆରାଧନା ଏକ ଭ୍ରାନ୍ତ ଧାରଣା ବୋଲି ଗୀତା ସ୍ପଷ୍ଟ ଭାବରେ ବୋଧ କରୁଥିବା ବେଳେ, ଦେବତାମାନଙ୍କ ଆରାଧନାର ଏକ ଏକ ନିୟମ ତିଆରି କରି, ଏଇ ଅନୁସାରେ କରିବା ଉଚିତ୍ ବୋଲି କହୁଥିବା ଲୋକମାନଙ୍କୁ କଣ ଆସ୍ତିକ କୁହାଯିବ ? କେବଳ ମୋର ଆରାଧନା କର ବୋଲି ଗୀତାରେ ଈଶ୍ୱର କହିଥିବା ବେଳେ, ତୁ ହିଁ ମୋର ଈଶ୍ୱର କହି ନାନା ଦେବତାଙ୍କୁ ପୂଜା କରିବା କଣ ଆସ୍ତିକତା ? ଗୀତାରେ ମଣିଷ ନିଜର କପାଳଲିଖନକୁ ବଦଳାଇ ପାରିବ ବୋଲି ସୂଚିତ ହୋଇଥିବା ବେଳେ, ଅମୁକ ନଦୀରେ ବୁଡ ପକାଇଲେ ତୁମ ପାପ ଧୋଇ ହୋଇଯିବ କହିବା କଣ ଗୀତାର ବିରୁଦ୍ଧ କଥା ନୁହେଁ ! ମୋତେ କେହି ଜାଣିପାରନ୍ତି ନାହିଁ ବୋଲି ଗୀତାରେ ଈଶ୍ୱର କହିଥିବା ବେଳେ, ସେହି ଗୀତାକୁ ବୋଧ କରୁଥିବା ସ୍ୱାମୀଜୀମାନେ ଜୀବ ହିଁ ଈଶ୍ୱର କହିବା କଣ ଭୁଲ୍ ନୁହେଁ ! ଗୀତାରେ ପୁରୁଷ ତିନିବିଧ ରହିଛନ୍ତି, ତାହା କ୍ଷର, ଅକ୍ଷର, ପୁରୁଷୋତ୍ତମ ବୋଲି ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ କୁହାଯାଇଥିବା ବେଳେ, ସେହି ତିନି ପୁରୁଷ କିଏ କିଏ ବୋଲି ବୁଝାଇ ପାରୁନଥିବା ସ୍ୱାମୀଜୀମାନେ କଣ ଆସ୍ତିକ ? ପୁରୁଷ କିଏ ? ପ୍ରକୃତି କଅଣ ଜାଣି ନପାରି ପ୍ରକୃତିକୁ ପୁରୁଷ କହି ଭ୍ରମିତ ହେଉଥିବା ଲୋକମାନେ ନାସ୍ତିକ ନହୋଇ କଣ ଆସ୍ତିକ ହେବେ ! ଭିତରେ ଆତ୍ମଜ୍ଞାନ ନଜାଣି ବାହାରେ ଗଛକୁ, ହୁଙ୍କାକୁ ପୂଜା କରୁଥିବା ଲୋକମାନେ ନାସ୍ତିକ ନହୋଇ କଣ ଆସ୍ତିକ ହେବେ ?

ଏଇଭଳି ପ୍ରଶ୍ନ କରିଚାଲିଲେ ସୂତ୍ର ଅନୁସାରେ ଆଜିର ବଡବଡ ସ୍ୱାମୀଜୀମାନଙ୍କଠାରୁ ଆରମ୍ଭ କରି ଛୋଟଛୋଟ ପୂଜାରୀମାନଙ୍କ ସମେତ ସମସ୍ତେ ଜ୍ଞାନଧନ ନଥିବା ଦରିଦ୍ର ନାସ୍ତିକ ହିଁ ହେବେ । ଈଶ୍ୱର, ଈଶ୍ୱରଭକ୍ତି ଆମଠାରେ ନାହିଁ ବୋଲି କହୁଥିବା ଲୋକମାନେ ଦେଖାଯାଉଥିବା ନାସ୍ତିକ ହେବାବେଳେ, ନଥିବା ଜିନିଷ ଅଛି କହି ଭ୍ରମିତ ହେଉଥିବା ଲୋକମାନେ ଆସ୍ତିକ ପୋଷାକପିନ୍ଧା ନାସ୍ତିକ । ଏମାନଙ୍କଠାରୁ ସୁରକ୍ଷିତ ରହିବା ଉଚିତ୍ । ନହେଲେ ସେମାନଙ୍କୁ ଅନୁସରଣ କରି ଜୀବନକୁ ନାସ୍ତିକତାରେ ବିତାଇବା ଦୁର୍ଯୋଗ ନିଶ୍ଚୟ ଆସିଯିବ, ଏହାର ଉଦାହରଣଟିଏ ଦେଖନ୍ତୁ ।

ପଚିଶି ବର୍ଷ ତଳେ ଗୋଟିଏ ଆଶ୍ରମରେ ଜଣେ ସ୍ୱାମୀଜୀଙ୍କ ଜୟନ୍ତି ଉତ୍ସବ ସନ୍ଦର୍ଭରେ ଅନେକ ସ୍ୱାମୀଜୀମାନେ ଯୋଗଦେଇଥିଲେ । ଆସିଥିବା ସ୍ୱାମୀଜୀମାନେ ସମସ୍ତେ ଜଣେ ଜଣେ ସନ୍ନ୍ୟାସୀ ଥିଲେ, ସେମାନଙ୍କ ଭିତରୁ ଜଣେ ସ୍ୱାମୀଜୀ ତାଙ୍କ ପ୍ରବଚନ କହିବା ବେଳେ, ସନ୍ନ୍ୟାସତ୍ୱ ଏକ ଉନ୍ନତ ମାର୍ଗ ବୋଲି କହିଲେ । **"ସାଂସାରୀକ ଜୀବନ ବିତାଉଥିବା କୌଣସି ବ୍ୟକ୍ତି ଜ୍ଞାନ ଜାଣିପାରିବ ନାହିଁ । ଜ୍ଞାନର୍ଜନ ଉଦ୍ଦେଶ୍ୟରେ ଆଦିଶଙ୍କରାଚାର୍ଯ୍ୟ ପିଲାଦିନୁ ସନ୍ନ୍ୟାସତ୍ୱ ଗ୍ରହଣ କରି, କଷାୟ ବସ୍ତ୍ର ପିନ୍ଧିଥିଲେ । ସେହିଭଳି ସ୍ୱାମୀ ବିବେକାନନ୍ଦ ବିବାହ ନକରି ସନ୍ନ୍ୟାସୀ ହୋଇଥିଲେ । ଆମେ ମଧ୍ୟ ସଂସାର ଛାଡି ସନ୍ନ୍ୟାସତ୍ୱ ଗ୍ରହଣ କରିଛୁ, ସନ୍ନ୍ୟାସୀ ଜୀବନରେ କୌଣସି ପ୍ରତିବନ୍ଧକ ନଥାଇ ଦୈବଜ୍ଞାନ ଜାଣିହୁଏ, ଆଚରଣ କରିହୁଏ । ସଂସାରୀକ ଜୀବନରେ ଦୈବଜ୍ଞାନ ଜାଣିବା ସମ୍ଭବ ନୁହେଁ, ସେଥିଲାଗି ମହାନ ଲୋକମାନେ ସଂସାର ତ୍ୟାଗ କରି ସନ୍ନ୍ୟାସତ୍ୱ ଗ୍ରହଣ କରିଥିଲେ । କେବଳ ସନ୍ନ୍ୟାସୀମାନେ ହିଁ ଦୈବଜ୍ଞାନ ଅର୍ଜନ କରିପାରନ୍ତି, ସାଂସାରୀକ ଲୋକେ କରିପାରନ୍ତି ନାହିଁ । ତେଣୁ ବଡମାନେ ସନ୍ନ୍ୟାସୀକୁ ମହାନ କହୁଥିଲେ, ସଂସାରୀକୁ ନ୍ୟୁନ ମନେ କରୁଥିଲେ ।"** ସ୍ୱାମୀଜୀଙ୍କର ଏହି ପ୍ରବଚନ ଶୁଣୁଥିବା ଜଣେ

ଯୁବକ ସ୍ୱାମୀଜୀଙ୍କ କଥାରେ ପ୍ରଭାବିତ ହୋଇ, ବିବାହ ନକରି, ସନ୍ନ୍ୟାସତ୍ୱ ସ୍ୱୀକାର କଲେ, କଷାୟ ବସ୍ତ୍ର ଧାରଣକରି ସନ୍ନ୍ୟାସୀ ଜୀବନ ବିତାଇଲେ । ଏଠାରେ ସେ ଯୁବକ ଜଣକ ସ୍ୱାମୀଜୀଙ୍କ କଥା ଶୁଣି ବିବାହ ନକରି, କଷାୟ ବସ୍ତ୍ର ଧାରଣ କଲେ ସନ୍ନ୍ୟାସୀ ହୋଇପାରିବି ବୋଲି ଭାବିଥିଲେ ।

ଉପର ବିଷୟ ଅନୁସାରେ ସ୍ୱାମୀଜୀଙ୍କ କଥା ଧର୍ମ କି ଅଧର୍ମ ବୋଲି ଯଦି ବିଚାର କରିବା ତେବେ, ଭଗବଦ୍ଗୀତାର ଆତ୍ମସଂଯମ ଯୋଗର ପ୍ରଥମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଦେଖିବାକୁ ପଡିବ, ସେହି ଶ୍ଳୋକର ଭାବାର୍ଥରେ ଅଛି ଯେ, **"ଯାହା ପାଖରେ ଜ୍ଞାନାଗ୍ନି (ଜ୍ଞାନଧନ) ନାହିଁ, କରିବାକୁ ଥିବା କାର୍ଯ୍ୟରୁ ସେ ବିରତ ହେଲେ ମଧ୍ୟ ସନ୍ନ୍ୟାସୀ ନୁହେଁ, ତେଣୁ କର୍ମଫଳ ହୋଇଥିବା ପାପପୁଣ୍ୟ ଉପରେ ଆଶା ନରଖି ଯିଏ କାର୍ଯ୍ୟ କରିଥାଏ ସେ ହିଁ ପ୍ରକୃତ ସନ୍ନ୍ୟାସୀ, ପ୍ରକୃତ ଯୋଗୀ"** । ଏହି ଗୀତାବାଣୀ ଅନୁସାରେ କଷାୟବସ୍ତ୍ର ସହିତ ସନ୍ନ୍ୟାସତ୍ୱର କୌଣସି ସମ୍ପର୍କ ନାହିଁ ବୋଲି ଜଣାଯାଉଛି । ଈଶ୍ୱର ଜଣାଇଥିବା ଜ୍ଞାନର ବ୍ୟତିରେକ ଦିଶାରେ ଚାଲି, ବୈବାହିକ ଜୀବନରେ କରାଯାଉଥିବା କାର୍ଯ୍ୟାଦି ଛାଡି, ମୌନ ଦୀକ୍ଷାରେ ଅଛୁ ବୋଲି କଥା କହୁନଥିବା ଲୋକମାନେ କିଛି ଥିବାବେଳେ, ଯୋଗଦୀକ୍ଷାରେ ଅଛୁ ବୋଲି ବାହାରକୁ ଦେଖାଯାଉଥିବା ଲୋକମାନେ କିଛି ଅଛନ୍ତି । କଷାୟବସ୍ତ୍ର କହିଲେ ସନ୍ନ୍ୟାସତ୍ୱ ଭାବିବା ଧର୍ମ ନୁହେଁ ଅଧର୍ମ ବୋଲି ଜଣାଯାଉଛି । ସ୍ୱାମୀଜୀମାନେ ଭଗବଦ୍ଗୀତାର ବାସ୍ତବ ଜ୍ଞାନକୁ ଗ୍ରହଣ କରିନପାରି, ନିଜେ ଭ୍ରମିତ ହୋଇ ଅନ୍ୟମାନଙ୍କୁ ମଧ୍ୟ ଭ୍ରମିତ କରୁଛନ୍ତି । ଆଜି ହିନ୍ଦୁମାନଙ୍କ ଭିତରେ ୮୫ ପ୍ରତିଶତ ଲୋକଙ୍କୁ ଭଗବଦ୍ଗୀତା କହିଲେ କଣ ଜଣାନାହିଁ । କେବଳ ୧୫ପ୍ରତିଶତ ଲୋକେ ଭଗବଦ୍ଗୀତା ଦେଖିଥିବା ସ୍ଥଳେ, ସେମାନଙ୍କ ଭିତରୁ କିଛିଲୋକ ପଢିଥାଇ ପାରନ୍ତି । ପଢିଥିବା, ପଢୁଥିବା ଲୋକମାନଙ୍କ ଭିତରେ ମାତ୍ର କେଇଜଣ ସ୍ୱାମୀଜୀମାନେ ଥିବା ସ୍ଥଳେ, ସ୍ୱାମୀଜୀମାନଙ୍କୁ ମଧ୍ୟ ଗୀତା ଉଚିତ୍ ରୀତିରେ ବୁଝାପଡି ନାହିଁ ।

ଆଧ୍ୟାତ୍ମିକ ପାଇଁ କେବଳ ଗୀତାକୁ ପ୍ରାମାଣିକ ଗ୍ରନ୍ଥ କରାଯାଇ ପାରେ ବୋଲି ଜାଣି ନଥିବା ସ୍ୱାମୀଜୀମାନେ ସେମାନଙ୍କ ପ୍ରବଚନରେ ପୁରାଣ, ଇତିହାସକୁ ଅଧିକ ପ୍ରାଧାନ୍ୟ ଦେଇ କହୁଛନ୍ତି । ପୁରାଣ, ଇତିହାସ କେବଳ କାଳକ୍ଷେପ ପାଇଁ , କର୍ମ କାଟିବାପାଇଁ ସମର୍ଥ ନୁହେଁ ବୋଲି ଜାଣିପାରୁ ନାହାନ୍ତି । ଜ୍ଞାନାଗ୍ନି କେବଳ ଗୀତାଜ୍ଞାନ ଦ୍ୱାରା ମିଳିଥାଏ । ଜ୍ଞାନାଗ୍ନି କୁହାଯାଉଥିବା ଜ୍ଞାନଧନ ଥିବାବେଳେ କେହିଜଣେ ଆସ୍ତିକ ହୋଇପାରିବ । ଏହିଭଳି ମୋଟାମୋଟି ଭାବରେ ଆସ୍ତିକତ୍ୱ କଣ ଜାଣିନଥିବା ଲୋକମାନଙ୍କୁ ଆସ୍ତିକ ବୋଲି କିପରି କହିବା ? ତେଣୁ ଆସ୍ତିକତ୍ୱ କହିଲେ କଅଣ ତାହା ଆଜି ଆସ୍ତିକ ବୋଲି ନିଜକୁ ଭାବୁଥିବା ଲୋକମାନେ ପ୍ରଥମେ ଜାଣିବା ଦରକାର ।

କିଛିଲୋକ ସଂସ୍କୃତଭାଷା ଶିଖି ସନ୍ନ୍ୟାସୀ ହୋଇଯାଇ ନିଜ ନିଜକୁ ଆସ୍ତିକ ଭାବିଥାନ୍ତି । ଯିଏ ସଂସ୍କୃତ କହୁଛି ସେ ମହାନ ବୋଲି ଭାବୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ସଂସ୍କୃତ ଭାଷା ଶିଖିଗଲେ ଦୈବଜ୍ଞାନ ଜାଣିହେବ ବୋଲି ଭାବୁଥିବା ଲୋକମାନେ ମଧ୍ୟ ଅଛନ୍ତି । ସଂସ୍କୃତ ଭାଷାର ପାଣ୍ଡିତ୍ୟକୁ ହିଁ ମହାନ ଜ୍ଞାନ ଭାବୁଥିବା ଲୋକମାନେ ମଧ୍ୟ ଅଛନ୍ତି । ଭାବକୁ ଜଣାଇଥାଏ ଭାଷା । କୌଣସି ଭାଷା ହେଉ, ସେଥିରେ କେବଳ କୌଣସି ବିଷୟକୁ ଜାଣିପାରିବା ଭଳି ଅର୍ଥ ଥାଏ, ତେଣୁ କୌଣସି ଭାଷାରୁ ମଧ୍ୟ ଜ୍ଞାନ ଜାଣିପାରିବା । କେବଳ ସଂସ୍କୃତ ଭାଷାରୁ ଜ୍ଞାନ ଜାଣିହୁଏ ଭାବିବା ଭୁଲ୍ । ଆଜି ଅନେକ ଭାଷା ଜାଣିଥିବା ଲୋକ ନାସ୍ତିକ, ଅଜ୍ଞମାନେ ଆସ୍ତିକ, ଜ୍ଞାନୀ ଭାବେ ପରିଗଣିତ ହୁଅନ୍ତି ବୋଲି ସହଜରେ ଜାଣିହୁଏ । ଯାହା ପାଖରେ ଜ୍ଞାନଧନ ନାହିଁ ସେ ଉଚ୍ଚ କୁଳରେ ଜନ୍ମହୋଇ କେତେ ସଂସ୍କୃତପାଣ୍ଡିତ୍ୟ ଅର୍ଜନ କରିଥିଲେ ମଧ୍ୟ ନାସ୍ତିକ । ଯାହା ପାଖରେ ଜ୍ଞାନଧନ ଅଛି ସେ କେତେ ନୀଚ କୁଳରେ ଜନ୍ମହେଲେ ମଧ୍ୟ, ତାଠାରେ ସଂସ୍କୃତ ପାଣ୍ଡିତ୍ୟ ନଥିଲେ ମଧ୍ୟ ସେ ଆସ୍ତିକ ।

କେତେକ ଆସ୍ତିକମାନେ ସଂସ୍କୃତ ଶ୍ଳୋକଗୁଡିଏ କଣ୍ଠସ୍ଥ କରି, ଅନୁଷ୍ଠାନ ନାମରେ ଅନେକ ଅନେକ ନିୟମର ଆଚରଣ କରି, ଶିଖିଥିବା ଶ୍ଳୋକ ଗାଇଥାନ୍ତି । ପ୍ରଜାମାନେ ସେମାନଙ୍କ ଅନୁଷ୍ଠାନ ଦ୍ୱାରା ହେଉ, ସେମାନଙ୍କ ବେଦଶ୍ଳୋକ ଦ୍ୱାରା ହେଉ, କଦାପି ପ୍ରକୃତ ଜ୍ଞାନ ପାଇପାରନ୍ତି ନାହିଁ । କେତେକଙ୍କୁ ସେମାନେ କହୁଥିବା ଶ୍ଳୋକର ଅର୍ଥ କଣ ମଧ୍ୟ ଜଣା ନାହିଁ । ପୂର୍ବକୁ ମୁଖକରି ଶ୍ଳୋକ ଗାଉଥିବା ଲୋକକୁ ପୂର୍ବକୁ ମୁଖକରି କାହିଁକି ଶ୍ଳୋକ ପଢିବା ଉଚିତ୍ ଜଣା ନାହିଁ । ନାକରେ ହାତ ଲଗାଇ ଶ୍ଳୋକ ପଢୁଥିବା ଲୋକକୁ ନାକରେ କାହିଁକି ହାତ ଲଗାଇ ଶ୍ଳୋକ ପାଠ କରାଯାଏ ଜଣା ନାହିଁ । ମନ୍ତ୍ର ପଢିବାବେଳେ ନାଶାରନ୍ଧ୍ରକୁ ଶ୍ୱାସ ନଚଳିବା ଭଳି ବନ୍ଦକରି, ମନ୍ତ୍ର ପଢିବା ନିୟମ ରହିଥିବା ବେଳେ, ତା ନକରି ନାକ ଉପରେ ଅଙ୍ଗୁଳି ଛୁଆଁଇ, ଶ୍ୱାସ ସାଧାରଣ ସ୍ଥିତିରେ ଚଳୁଥିବା ବେଳେ ପଢୁଥିବା ଲୋକମାନେ ଅଛନ୍ତି । ଏଭଳି ଆମେ ନିଷ୍ଠାଗରିଷ୍ଠ ଆସ୍ତିକ ବୋଲି କହୁଥିବା ଲୋକମାନେ ନିଜେ କରୁଥିବା ଆଚରଣର ନିୟମ ନିଷ୍ଠାକୁ ମଧ୍ୟ ନଜାଣି ଅନ୍ୟମାନଙ୍କୁ ଅବହେଳିତ କଥାବାର୍ତ୍ତା କରୁଛନ୍ତି । ଆସ୍ତିକତ୍ୱର ସୂତ୍ର ଜାଣିନଥିବା ଲୋକମାନେ, ଆମେ ବୈଦିକ ଅନୁଷ୍ଠାନର ପଣ୍ଡିତ ବୋଲି କହି ଅନ୍ୟମାନଙ୍କ ସହିତ କିପରି କଥାହୁଅନ୍ତି ତାର ଉଦାହରଣ ଭାବରେ ଗୋଟିଏ ପୁସ୍ତକରେ ଲେଖାଯାଇଥିବା ବିଷୟକୁ ଦେଖିଲେ, ସେଥିରେ ପଣ୍ଡିତ ବୋଲାଉଥିବା ସେ ବ୍ୟକ୍ତି ଜଣକ ଉପଯୁକ୍ତ ମାର୍ଗ, ସଦାଚାର, ସତ୍ ସାଙ୍ଗତ୍ୟ ନପାଇ, ଶାସ୍ତ୍ର ପରିଚୟକୁ ନଜାଣି, କୁମତ ପ୍ରବିଷ୍ଟିତ ଆଉଏକ ବିକଳି ଦଳ ଅଛନ୍ତି, ଯେଉଁମାନେ କି ଏପରି ଲେଖନ୍ତି ବୋଲି ଜଣାଇ ଜଣେ ମହାନ ଯୋଗୀ ଲେଖିଥିବା ତତ୍ତ୍ୱ ବାବଦରେ ଅବହେଳିତ ତଥ୍ୟକୁ ଆଲୋଚନା କରି, ଯୋଗୀ ଜଣକ ଲେଖିଥିବା ଛଅଗୋଟି ତତ୍ତ୍ୱକୁ ସେଠାରେ ଉଦାହରଣ ଦେଇ ଖୁବ୍ ନିନ୍ଦା କରିଛନ୍ତି ।

ପୁସ୍ତକରେ ଲେଖିଥିବା ପାତ୍ର ଗ୍ରନ୍ଥକର୍ତ୍ତାଙ୍କ ମୂଲ୍ୟକୁ ବୁଝିନପାରି କେବଳ ଅନୁମାନ (ସନ୍ଦେହ) ରେ ଅବମାନ ଜନକ କଥା ଲେଖିଛନ୍ତି ବୋଲି ଜଣାଯାଉଛି । ଯୋଗୀଙ୍କ ତତ୍ତ୍ୱରେ ଶରୀର ହିଁ ଦେବାଳୟ, ଶରୀରରେ ଥିବା ଆତ୍ମା ହିଁ ଈଶ୍ୱର ବୋଲି ଶାସ୍ତ୍ରୀୟ ରୀତିରେ ଲେଖାଯାଇଥିବା ବେଳେ, ତାହା ବୁଝି ନପାରି ବୈଦିକ ନିଷ୍ଠାକୁ ଧରି ରହିଥିବା ଲୋକକୁ ଆତ୍ମଜ୍ଞାନ ବୁଝାପଡେ ନାହିଁ । ଲଗାମ ଲଗାଯାଇଥିବା ଘୋଡା କଡକୁ ନଦେଖି କେବଳ ଆଗକୁ ଦେଖିପାରିବା ଭଳି ବ୍ୟବସ୍ଥା ରହିଥାଏ । ଘୋଡାଟି ଆଗକୁ ଦେଖିବା ଛଡା କଡରେ ଥିବା ଦୃଶ୍ୟକୁ ଦେଖି ପାରେ ନାହିଁ । ସେହିଭଳି ବୈଦିକ ନିଷ୍ଠା ନାମକ ଲଗାମ ଲଗାଇଥିବା ଲୋକ ତାଙ୍କ ଅନୁଷ୍ଠାନକୁ ଦେଖିବା ଛଡା ଆତ୍ମଜ୍ଞାନକୁ କିପରି ଦେଖିବେ ! ଏହିଭଳି ସ୍ଥିତିରେ କିଛିଲୋକ ରହିଥାନ୍ତି । ଏହିଭଳି ଜଣେ ପାତ୍ର ଉପର ତଥ୍ୟକୁ ଲେଖିଛନ୍ତି । ଯୋଗୀଙ୍କ ଲେଖାରେ ଐଶ୍ୱରୀୟ ସନ୍ଦେଶର ଏକ ତୁଳନା ରହିଛି, ତାହା ହିଁ ଆତ୍ମଜ୍ଞାନ । ତାହା ବୁଝି ନପାରି ଅବହେଳିତ କଥାବାର୍ତ୍ତା କରୁଥିବା ପାତ୍ର ମହାନ ଗ୍ରନ୍ଥକର୍ତ୍ତା ହେଲେ ମଧ୍ୟ ଆସ୍ତିକ ନୁହେଁ, ତାକୁ ଜ୍ଞାନଧନ ନଥିବା ନାସ୍ତିକ ବୋଲି କହିପାରିବା ।

କିଛିଲୋକ କାଶୀ ଯାଇ, ସେଠାରେ ସଂସ୍କୃତ ବିଦ୍ୟା ଶିଖି, ବେଦ ପାରାୟଣ କରି, ଭାଷାପାଣ୍ଡିତ୍ୟ ଅର୍ଜନ କରିଥିବା ସ୍ୱାମୀଜୀ ଭାବରେ ଗଣତି ହେଉଛନ୍ତି । ଯେଉଁମାନେ ବେଦ ପଢନ୍ତି ସେମାନେ ଗୁରୁ କିମ୍ବା ସ୍ୱାମୀଜୀ ହୋଇପାରନ୍ତି ବୋଲି ସେମାନଙ୍କ ଭାବରେ ରହିବା ଦ୍ୱାରା ବେଦପାଣ୍ଡିତ୍ୟ ନଥିବା ଲୋକମାନଙ୍କୁ ସେମାନେ ହୀନ ମନେ କରନ୍ତି, ସେମାନଙ୍କ କଥାରେ ସେମାନେ ବେଦକୁ ମହାନକରି କହିଥାନ୍ତି । ବେଦକୁ ଅପୌରୁଷେୟ କହନ୍ତି । ବେଦକୁ କେହି ମଣିଷ ଲେଖି ନାହିଁ, ତାହା ଈଶ୍ୱର ହିଁ ସୃଷ୍ଟି କରିଛନ୍ତି ବୋଲି ସେମାନଙ୍କ ବାଦନା ରହିଥାଏ । ବେଦ ଅପୌରୁଷେୟ କହିବାରେ ବେଦକୁ ପୁରୁଷ ହୋଇଥିବା ଈଶ୍ୱର କହିନାହାନ୍ତି, ସ୍ତ୍ରୀ ହୋଇଥିବା ସ୍ତ୍ରୀତତ୍ତ୍ୱ

ପ୍ରକୃତି ବାବଦରେ ଲେଖା ହୋଇଛି ବୋଲି କାହିଁକି ନବୁଝିବା ? ବୋଲି ଆମେ ଯୁକ୍ତି କରୁଛୁ । ସେହିଭଳି ବେଦକୁ ପୁରୁଷ ହୋଇଥିବା ଈଶ୍ୱର ବା ପରମାତ୍ମା କହିନାହାନ୍ତି, ତାହା ପ୍ରକୃତିରୁ ଉଦ୍ଭବ ହୋଇଛି ବୋଲି କାହିଁକି ଭାବୁନାହାନ୍ତି ? ବ୍ରହ୍ମବିଦ୍ୟାର ପ୍ରମାଣ ଭଗବଦ୍ଗୀତା ଶାସ୍ତ୍ରରେ ଥିବା ଗୁଣତ୍ରୟ ବିଭାଗ ଯୋଗର ୫ମ ଶ୍ଲୋକରେ **"ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତି ସମ୍ଭବାଃ"** ଅର୍ଥାତ୍ ସତ୍ତ୍ୱଗୁଣ, ରଜୋଗୁଣ, ତାମଗୁଣ ନାମକ ତିନିଗୁଣ ପ୍ରକୃତିରୁ ଜନ୍ମ ହୋଇଛି ବୋଲି କୁହାଯାଇଛି । **"ତ୍ରୈଗୁଣ୍ୟ ବିଷୟା ବେଦା ନିସ୍ତ୍ରୈଗୁଣ୍ୟ.."** ଅର୍ଥାତ୍ ବେଦରେ ତିନି ଗୁଣରାଜିର ବିଷୟ ଅଛି, ତାହା ତ୍ୟାଗକର୍ ବୋଲି କୁହାଯାଇଛି । ଗୁଣଗୁଡିକ ପ୍ରକୃତିର, ତାହା ହିଁ ବେଦ ରୂପରେ ଅଛି ବୋଲି ପରମାତ୍ମା କହିଥିବା ବେଳେ, ପରମାତ୍ମାଙ୍କ ଜ୍ଞାନକୁ ଛାଡି ବେଦକୁ ମହାନ କହୁଥିବା ଲୋକମାନେ କଣ ଆସ୍ତିକ ? ପ୍ରକୃତିକୁ ମୁଁ ଜନ୍ମ କରିଛି, ତାହା ଗୁଣରୂପର ମାୟା ଭାବରେ ରହିଛି ବୋଲି ମଧ୍ୟ ଗୀତାରେ କହିଛନ୍ତି । ଏଭଳି ଅନେକ ସତ୍ୟକୁ ଈଶ୍ୱର ଜଣାଇଥିଲେ ମଧ୍ୟ, ବ୍ରହ୍ମବିଦ୍ୟାର ପ୍ରମାଣ ହୋଇଥିବା ଭଗବଦ୍ଗୀତାକୁ ଛାଡି, ମାୟାର ପ୍ରତିରୂପ ହୋଇଥିବା ଗୁଣମୟ ବେଦକୁ ଆଶ୍ରୟ କରୁଥିବା ଲୋକମାନେ କେଉଁଭଳି ଆସ୍ତିକ ? ଏଭଳି ବିବରଣୀ କହିଚାଲିଲେ ଆଜି ସମାଜରେ ଆସ୍ତିକ ବୋଲାଉଥିବା ନାସ୍ତିକମାନେ ଅନେକ ଅଛନ୍ତି ବୋଲି କହିପାରିବା । ଏବେ ସମାଜର ହେତୁବାଦୀମାନଙ୍କ ବିଷୟରେ ଜାଣିବା ।

*****

# ଆପଣ ହେତୁବାଦୀ ? କି ଅହେତୁକ ?

କୌଣସି ଏକ ବିଷୟରେ ହେଉ, କୌଣସି ଯଥାର୍ଥ ବିଷୟରେ ହେଉ, ସମ୍ପୂର୍ଣ୍ଣ ଭାବରେ ଜାଣି ପାରିଥିବା ବେଳେ, ସେ ବିଷୟ ବାବଦରେ

କିଛି କହିପାରିବା, ତନ୍ମଧ୍ୟରେ ଥିବା ଲାଭ ନଷ୍ଟ, ଭଲ ମନ୍ଦ ଇତ୍ୟାଦିକୁ ବୁଝାଇ ପାରିବା । ଉଦାହରଣ ସ୍ୱରୂପ ଜଣେ ଚାରିଗୋଟି ଗଛ ଦେଖାଇ, ଏହା ଅମୁକ ଅମୁକ ଗଛ ବୋଲି ନାଆଁ କହି, ଏହି ଗଛଗୁଡିକ ଦ୍ୱାରା ଅମୁକ ରୋଗସବୁ ଦୂର ହୁଏ, କହିଲା ବୋଲି ଭାବିବା । ସେ ଯାହା କହୁଛି ତାହା ସତ କି ମିଛ କହିବାକୁ ପ୍ରଥମେ ଆମକୁ ସେ ବାବଦରେ ଜଣାଥିବା ଆବଶ୍ୟକ । ଗଛର ନାଆଁ କେବେ ଶୁଣି ନଥିବା, ଗଛକୁ କେବେ କେଉଁଠି ଦେଖି ନଥିବା ଲୋକ ତାହା ଅମୁକ ଗଛ ବୋଲି ପ୍ରମାଣିତ କରିପାରିବ ନାହିଁ କିମ୍ବା ସେ ଗଛ କେଉଁ କାମରେ ଆସେ କହିପାରିବ ନାହିଁ । କୌଣସି ବିଷୟକୁ ଆମେ ବୁଝି ନଥିବା ବେଳେ, ସେ ବିଷୟ ବାବଦରେ କହିବା ହକ୍ ଆମର ନାହିଁ ବୋଲି କହିପାରିବା । ବିଜ୍ଞାନ ଜାଣିଥିବା ଲୋକ ସେ ବାବଦରେ କହିପାରିବ, ଯିଏ ଜାଣି ନାହିଁ ସେ ଜାଣିବା ଉଚିତ୍ ।

କେତେକ କିଛି ବିଷୟକୁ ସମ୍ପୂର୍ଣ୍ଣ ଜାଣି, ଅନ୍ୟ ବିଷୟ ବାବଦରେ ଜଣା ନଥିଲେ ମଧ୍ୟ ଜାଣିଥିବା ଭଳି କଥାବାର୍ତ୍ତା କରିଥାନ୍ତି । ଉଦାହରଣ ଭାବରେ ପଥର ବାବଦରେ ଜାଣିଥିବା ଲୋକ ରତ୍ନ ବାବଦରେ ନଜାଣି କହିବା କଣ ଅବିବେକ ନୁହେଁ! ସେହିଭଳି ଭୌତିକ ବିଦ୍ୟାକୁ ସମ୍ପୂର୍ଣ୍ଣ ଜାଣିଥିବା ଲୋକମାନେ, ପରମାତ୍ମା ବିଦ୍ୟା ବାବଦରେ କଥା କହିବା କଣ ଠିକ୍? ଏମ୍. ଏ. ଫିଲସଫି ପଢିଦେଲ ବୋଲି କଣ ଦୈବଜ୍ଞାନ କହି ପାରିବେ? ତେଣୁ କୌଣସି ବିଷୟରେ ନବୁଝି ଅନ୍ୟ ବିଷୟ କେତେ ଜାଣିଲେ ମଧ୍ୟ ଜାଣି ନଥିବା ବିଷୟକୁ ଜାଣିବା ଉଚିତ୍ ସିନା ନଜାଣି କହିବା ଉଚିତ୍ ନୁହେଁ । ଏହିଭଳି ବିଚାରକଲେ, କୌଣସି ବିଷୟ ବାବଦରେ ସମ୍ପୂର୍ଣ୍ଣ ଜାଣି ସେ ବିଷୟ ବାବଦରେ କହିଲେ ତାହା ସହେତୁକ ବିଷୟ ହେବ । ଏହା ଏକ ସୂତ୍ର । ନଜାଣି କହିଲେ ବିଷୟର ହେତୁବଦ୍ଧତା ରହିବ ନାହିଁ । ତେଣୁ ନବୁଝି କଥା କହିବା ବେଳେ ତାହା ଭ୍ରାନ୍ତ ପ୍ରମାଣ

ବା ସନ୍ଦେହଜନକ କଥା ହେବ ସିନା, ପ୍ରମାଣ ହୋଇପାରିବ ନାହିଁ ବୋଲି କହିପାରିବା । ସେଥିଲାଗି ପ୍ରମାଣ ନଥାଇ ସନ୍ଦେହ କରି କହିଲେ ନିନ୍ଦା କରିବା ଭଳି ହେବ ।

ହେତୁ କହିଲେ କାରଣ । ହେତୁବାଦ କହିଲେ ବାସ୍ତବ କାରଣ ବାବଦରେ ପଚାରିବା, ଅର୍ଥାତ୍ ଏକ ବିଷୟର କାରଣ ବାବଦରେ ପଚାରିବା । କାରଣ ପାଇଁ ଥିବା ବିଷୟକୁ କହିଲେ ପ୍ରଶ୍ନପୋଯୋଗୀ ଉତ୍ତର ହେବ । କୌଣସି ପ୍ରଶ୍ନ ହେଉ ଶାସ୍ତ୍ରକୁ ଅନୁସରଣ କରି ପ୍ରଶ୍ନକଲେ ତାହା ସହେତୁକ ପ୍ରଶ୍ନ ହୋଇଥାଏ । ସେହିଭଳି ଉତ୍ତର ଶାସ୍ତ୍ରସମ୍ମତ ହୋଇଥିବା ବେଳେ, ଶାସ୍ତ୍ରବଦ୍ଧ ଉତ୍ତର ହୋଇଥାଏ । ତେଣୁ ପ୍ରଶ୍ନ କରିବା ବେଳେ ହେଉ, ଉତ୍ତର ଦେବାବେଳେ ହେଉ, ତାର ଶାସ୍ତ୍ରବଦ୍ଧତା ଅଛି କି ନାହିଁ ଦେଖିବା ଉଚିତ୍ । ଶାସ୍ତ୍ର କହିଲେ କଣ ବୋଲି କେତେକଙ୍କ ଠାରେ ପ୍ରଶ୍ନ ଉଭବ ହେଉଥିବ । ଶାପ ନାମକ ଶବ୍ଦରୁ ଶାସ୍ତ୍ର ଏବଂ ଶାସନ ନାମକ ଶବ୍ଦର ଜନ୍ମ । କୁହାଯାଇଥିବା ଅନୁସାରେ କରିବା ଉଚିତ୍ ବୋଲି ଜଣାଇଥାଏ ଶାସନ, ଶାପ, ଏବଂ ଶାସ୍ତ୍ର ମଧ୍ଯ ସେହିଭଳି, ଯାହା କୁହାଯାଇଛି ତାହା ନିଶ୍ଚୟ ପ୍ରମାଣିତ ହୋଇରହିବ । ପ୍ରମାଣିତ ହେବାବେଳେ ତାହା ବିଜ୍ଞାନ ହେବ । ଉଦାହରଣ ସ୍ୱରୂପ ବାଙ୍ଗାଲୋର ଠାରୁ ହାଇଦ୍ରାବାଦ ୫୬୫ କି.ମି. ବୋଲି ଗୋଟିଏ ବୋର୍ଡରେ ଲେଖାଯାଇଛି । ତାହା ପଢି, ହଁ ହାଇଦ୍ରାବାଦ ଏତିକି ଦୂରରେ ଅଛି ବୋଲି ବୁଝିପାରିବା ଜ୍ଞାନ ହୋଇଥାଏ । ୫୬୫ କିଲୋମିଟର ଯାତ୍ରା କରି, ହାଇଦ୍ରାବାଦରେ ପହଞ୍ଚି ହଁ ଏହା ସତକଥା, ମୁଁ ୫୬୫ କିଲୋମିଟର ହିଁ ଯାତ୍ରାକରି ଆସିଲି ବୋଲି ଅନୁଭବ ପୂର୍ବକ ନବୁଝି ପାରିବା ବିଜ୍ଞାନ ହୋଇଥାଏ । ତେଣୁ ଜ୍ଞାନ ବିବରଣ ହେବାବେଳେ, ଅନୁଭବ ବିଜ୍ଞାନ ହୋଇଥାଏ । ବାଙ୍ଗାଲୋରରୁ ହାଇଦ୍ରାବାଦ କେତେ କିଲୋମିଟର ବୋଲି ପଚାରିବା ଏକ ପ୍ରଶ୍ନ ହୋଇଥିବା ବେଳେ, ତାହା ୫୬୫ କି.ମି ଦୂରରେ ଅଛି ବୋଲି ସତ୍ୟ କଥା କହିବା ତାର ଜବାବ

ହୋଇଥାଏ ବୋଲି ସମସ୍ତେ ଜାଣନ୍ତି । ପ୍ରଶ୍ନ ପାଇଁ ଉତ୍ତର ଠିକ୍ ଅଛି କି ନାହିଁ ତାହା କେବଳ ଅନୁଭବ ପୂର୍ବକ ଯାତ୍ରାକରି ସେହି ଦୂରତାକୁ ଜାଣିଥିବା ଲୋକ ହିଁ କହିପାରିବ, ତାହାକୁ ହିଁ ବିଜ୍ଞାନ କହିପାରିବା । ତେଣୁ ଯିଏ ବିଜ୍ଞାନ ଜାଣେ ସେ ପ୍ରଶ୍ନ ପାଇଁ ଉତ୍ତର ଠିକ୍ ଅଛି କି ନାହିଁ ଜାଣିପାରେ । ଏବେ ବିଜ୍ଞାନର ବିବରଣୀ ଟିକିଏ ଦେଖିବା ।

ବିଜ୍ଞାନକୁ ବିଭାଜନ କରିଦେଖିଲେ ତାହା ସମସ୍ତେ ଜାଣିପାରିବା ଭଳି ପାଞ୍ଚ ପ୍ରକାରର ଥାଏ, କିନ୍ତୁ  କେହି ଜାଣିନଥିବା ଭଳି ଗୋଟିଏ ପ୍ରକାରର ଥାଏ । ତେଣୁ  କହିପାରିବା  ଯେ,  ମୋଟାମୋଟି  ବିଜ୍ଞାନ ଛଅ ପ୍ରକାରର ।  ସମସ୍ତଙ୍କୁ  ଜଣାପଡୁଥିବା ଭଳି ରହିଥିବା ପାଞ୍ଚ ପ୍ରକାରର ବିଜ୍ଞାନକୁ ମିଶାଇ  ଗୋଟିଏ ନାଆଁରେ ସାଇନ୍ସ କହନ୍ତି । ଆଙ୍ଗ୍ଲ ଭାଷାରେ ତାକୁ ସାଇନ୍ସ କହିଲେ ମଧ୍ୟ, ଓଡିଆ ଭାଷାରେ ଆମେ କହୁଥିବା ବିଜ୍ଞାନ ମଧ୍ୟ ତାହା । ପ୍ରୟୋଗ ଦ୍ୱାରା ପ୍ରମାଣିତ ହୋଇଥାଏ ବିଜ୍ଞାନ । ସେହିଭଳି ପ୍ରମାଣ କରିପାରିବା ବେଳେ ତାହା ଅନୁଭବ ହୋଇଥାଏ । ୫ପ୍ରକାରର ସାଇନ୍ସକୁ ବାଦ୍ ଦେଲେ ଷଷ୍ଠତମ ସାଇନ୍ସ ମଧ୍ୟ ଗୋଟିଏ ଥାଏ ବୋଲି ଜଣାଯାଏ । ତାହାକୁ ହିଁ ସାଇନ୍ସର ସାଇନ୍ସ ସୁପରସାଇନ୍ସ କୁହାଯାଏ ।

ଷଷ୍ଠତମ ସାଇନ୍ସକୁ ହିଁ ଯୋଗଶାସ୍ତ୍ର ବା ବ୍ରହ୍ମବିଦ୍ୟାଶାସ୍ତ୍ର କହୁଛୁ । ଇଂରାଜୀ ଭାଷାରେ ଫିଲସଫି ବୋଲି ମଧ୍ୟ  କହନ୍ତି ।  ଫିଲସଫି  କହିଲେ **ଅଲ୍ ସାଇନ୍ସ ଅଫ୍ ସାଇନ୍ସ** । ଆଜିର କାଳରେ ଥିବା ୫ଗୋଟି ବିଜ୍ଞାନ ଭିତରୁ କୌଣସି ଏକ ବିଜ୍ଞାନର ଏକ ଯଥାର୍ଥ ବିଷୟକୁ ବିଜ୍ଞାନବଦ୍ଧ ଭାବରେ ଉଦ୍ଭାବନ କରି ପ୍ରମାଣିତ କରିବାବେଳେ, ଉଦ୍ଭାବନ କରିଥିବା ବ୍ୟକ୍ତିକୁ ଡକ୍ଟର ଅଫ୍ ଫିଲସଫି **(Ph.D)** ସାର୍ଟିଫିକେଟ୍ ଦିଆଯାଏ, ତଦ୍ୱାରା ସେ ଜଣେ ମେଧାବୀ ବୋଲି ଭାବନା କରିଥାଏ । ଯାହା ଉଦ୍ଭାବନ ହୋଇଛି ତାହା ଶାସ୍ତ୍ରର ଏକ ଭାଗ ବୋଲି ନଜାଣି, ସମସ୍ତ ଶାସ୍ତ୍ରରେ ପାରଙ୍ଗମ ବୋଲି

ସାର୍ଟିଫିକେଟ୍ ଦେଇଥାନ୍ତି । ସେ ଯେଉଁ ଶାସ୍ତ୍ରରେ ପ୍ରବୀଣ ଯଦି ସେହି ଶାସ୍ତ୍ର ସମ୍ବନ୍ଧୀୟ ଉଦ୍ଭାବନ ହୋଇଥାଏ ତେବେ, ଡାକ୍ଟର ଅଫ୍ ଅମୁକଶାସ୍ତ୍ର ବୋଲି ସେହି ଶାସ୍ତ୍ରର ନାଆଁ ଲେଖିବା ଉଚିତ୍, କିନ୍ତୁ ତା'ନକରି ଡକ୍ଟର ଅଫ୍ ଫିଲସଫି ବୋଲି ଲେଖାଯିବା ଦ୍ୱାରା ପ୍ରାବୀଣ୍ୟତା ନଥିବା ଶାସ୍ତ୍ରରେ ମଧ୍ୟ ପ୍ରାବୀଣ୍ୟତା ପାଇବା ଭଳି ହେଉଛି । ଫିଲସଫିର ବିଶେଷତା ରହିଛି, ତାସହିତ ଉଦ୍ଭାବକର ସମ୍ପର୍କ ନାହିଁ; ତଥାପି ମେଧାବୀମାନେ ଏଭଳି କାହିଁକି ନାମ ଦିଅନ୍ତି ଜଣା ନାହିଁ । ଏକ ପ୍ରକାରର କହିଲେ ପ୍ରକୃତି ସମ୍ବନ୍ଧୀୟ ପାଞ୍ଚଗୋଟି ଶାସ୍ତ୍ର ଭିତରୁ କେଉଁ ଶାସ୍ତ୍ରର ପରିଶୀଳନରେ ଏକ ନୂଆ ସିଦ୍ଧାନ୍ତ ଠାବ କଲେ ମଧ୍ୟ, ନାଆଁ ପଛରେ (Ph.D) ଲଗାଇବା ଠିକ୍ ହେଉ ନାହିଁ । କେବଳ ଯୋଗଶାସ୍ତ୍ର ଜାଣିଥିବା ପାତ୍ର ଯେତେବେଳେ ତନ୍ମଧ୍ୟରୁ ଏକ ନୂଆ ସିଦ୍ଧାନ୍ତର ପ୍ରତିପାଦନ କରୁଛି ଏବଂ ତାର ବିବରଣୀ ଦେଇପାରୁଛି ସେତେବେଳେ ତାକୁ ହିଁ କେବଳ ଡକ୍ଟର ଅଫ୍ ଫିଲସଫିର ସାର୍ଟିଫିକେଟ୍ ଦେଇପାରିବା ।

ସମସ୍ତଙ୍କ ସାଥିରେ ଜୟ କହିବା ଭଳି, ଘରିଜଣଙ୍କ ସହିତ ମିଶି ହରିବୋଲ କହିବା ଭଳି, ନାଆଁରେ ପଛରେ (Ph.D) ଲେଖିଲେ କିଛିକଥା ନାହିଁ, ହେଲେ ଆମକୁ ସବୁ ଶାସ୍ତ୍ର ଜଣାଅଛି ଭାବି, ଅନ୍ୟ ଶାସ୍ତ୍ରର ବିଷୟ ଉପରେ ବିମର୍ଶ କରିବା ଉଚିତ୍ ନୁହେଁ । ଯାହା ଶାସ୍ତ୍ରମାନଙ୍କର ଶାସ୍ତ୍ର, ଯାହା ବିଜ୍ଞାନର ବିଜ୍ଞାନ ସେହି ବ୍ରହ୍ମବିଦ୍ୟା (ଯୋଗଶାସ୍ତ୍ର) ବାବଦରେ ବିମର୍ଶ କରିବା ଠିକ୍ ନୁହେଁ । ଯେଉଁ ବିଷୟ ଆମକୁ ଜଣାଅଛି ସେହି ବିଷୟ ଉପରେ ପ୍ରଶ୍ନ କରିବା ହକ୍ ଆମର ଅଛି । ନ ଜାଣି ପ୍ରଶ୍ନକଲେ ତାହା ନିଲଠା ପ୍ରଶ୍ନ ହୋଇଥାଏ । ଆଜି ମେଧାବୀ ବୋଲାଉଥିବା ଅନେକ ଲୋକ ନିଜକୁ ହେତୁବାଦୀ ବୋଲି ଭାବନା କରି, ସେମାନଙ୍କୁ ଜଣାନଥିବା ଯୋଗଶାସ୍ତ୍ର ବାବଦରେ ପ୍ରଶ୍ନ କରୁଛନ୍ତି, ସେମାନଙ୍କ ତର୍କର ମୁଖ୍ୟ ସୂତ୍ର ହେଉଛି

ବିଶ୍ୱାସ । ବିଶ୍ୱାସ ସାଇନ୍ସ ନୁହେଁ, ଯାହା ଯଥାର୍ଥ ତାହା ସାଇନ୍ସ, ସାଇନ୍ସ ଅନୁସାରେ ଯାହା ଠିକ୍ ଆମେ ତାହାକୁ ହିଁ ବିଶ୍ୱାସ କରିବୁ ସିନା, ଖାଲି ବିଶ୍ୱାସକୁ ବିଶ୍ୱାସ କରିବୁ ନାହିଁ ।

ଯାହାସବୁ ଦେଖାଯାଉଛି ତାହା ସତ୍ୟ ବୋଲି ସେମାନେ ଭାବିଥାନ୍ତି, କିନ୍ତୁ ଯାହା ଦେଖା ନଯାଇ କେବଳ ବିଶ୍ୱାସ ଉପରେ ଆଧାରିତ ହୋଇ ରହିଛି ତାହା ମଧ୍ୟ ନିରାଟ ସତ୍ୟ ବୋଲି ସେମାନଙ୍କୁ ଜଣା ନାହିଁ । ଯାହାସବୁ ପ୍ରତ୍ୟକ୍ଷ ଭାବରେ ଦେଖାଯାଉଛି ସେଗୁଡିକ ଭିତରେ ମଧ୍ୟ ଅସତ୍ୟ ଲୁଚିରହିଛି, ଦେଖାଯାଉ ନଥିବା ବିଶ୍ୱାସରେ ମଧ୍ୟ ସତ୍ୟ ଲୁଚିରହିଛି କହିବା ପ୍ରକୃତ ହେତୁବାଦ ହୋଇଥାଏ ବୋଲି ହେତୁବାଦୀ ମାନଙ୍କୁ ଜଣା ନାହିଁ । ଦେଖାଯାଉଥିବା ସବୁକିଛି ସତ୍ୟ ନୁହେଁ, ସମସ୍ତ ବିଶ୍ୱାସ ଯେ ଅସତ୍ୟ ନୁହେଁ ବୋଲି ଜାଣିବା ହେତୁବାଦର ମୁଖ୍ୟ ସୂତ୍ର ହୋଇଥିବା ବେଳେ, ସେହି ସୂତ୍ରଠାରୁ ଅଲଗା ନିଜ ମନ ଭିତରେ ଏକ ସୀମାଟାଣି, ବିଶ୍ୱାସକୁ ଖଣ୍ଡନ କରିଦେବା ହେତୁବଦ୍ଧ ହୋଇନଥିବା ହେତୁବାଦୀ ମାନଙ୍କର କାମ ହୋଇଯାଇଛି ।

ଯାହା ଆଖିକୁ ଦେଖାଯାଉ ନାହିଁ ତାହା କିପରି ସତ୍ୟ ହୋଇପାରେ ବୋଲି କିଛି ଲୋକଙ୍କଠାରେ ପ୍ରଶ୍ନ ଉଦ୍ଭବ ହୋଇପାରେ । ତାର ସମାଧାନ ହେଉଛି ! ଚନ୍ଦ୍ର ସମସ୍ତଙ୍କୁ ଏକଫୁଟ ଚଉଡାର ଦେଖାଯାଉଛି; ତଥାପି ତାହା ସତ୍ୟ ନୁହେଁ । ଖରାଦିନେ ରୋଡରେ କିଲୋମିଟର ଦୂରରେ ପ୍ରଚୁର ପାଣି ଅଛି ବୋଲି ଦେଖାଯାଉଛି । ତାହା ସମସ୍ତଙ୍କୁ ଦେଖାଗଲେ ମଧ୍ୟ ସତ୍ୟ ନୁହେଁ । ଭୂପୃଷ୍ଠକୁ ଆକାଶ ଦୂରରୁ ଛୁଇଁ ରହିଛି ବୋଲି ଦେଖାଯାଉଛି; ତଥାପି ତାହା ସତ୍ୟ ନୁହେଁ । ସେହିଭଳି ଯାହାସବୁ ଶୁଣୁଛେ ତାହା ସତ୍ୟ ନୁହେଁ କହିବା ପାଇଁ ସ୍ୱର୍ଣ୍ଣମସୁରୀ ଧାନ କହୁଛେ ହେଲେ ସେଥିରେ କେଉଁଠି ସୁନା ଅଛି !, ଝିଅଟି ଗୋଟିଏ ଋଉଳରେ ଗଢା କହୁଛେ, ଋଉଳରେ ଗଢା

ଝିଅ ଅଛନ୍ତି ! ଏହିଭଳି ଯାହା ସବୁ ପ୍ରତ୍ୟକ୍ଷ୍ୟ ଭାବରେ ଦେଖାଯାଉଛି, ଶୁଣାଯାଉଛି ସେଥିରେ ମଧ୍ଯ ସତ୍ୟ ନାହିଁ ବୋଲି ଜଣାଯାଉଛି । ସେହିଭଳି ଆମେ ଯାହାସବୁ ବିଶ୍ୱାସ କରୁଛେ ତାହା ସବୁ ସତ୍ୟ ନୁହେଁ କି ସବୁ ମିଥ୍ୟା ନୁହେଁ । କାଉବସାରେ ଥିବା ଛୁଆକୁ କାଉ ଛୁଆ ଭାବିବା ସାଧାରଣ କଥା, କିନ୍ତୁ ସେ ଛୁଆଙ୍କ ଭିତରେ କୋଇଲି ଛୁଆ ମଧ୍ଯ ଥାଇପାରେ । ଛୋଟବେଳେ ସବୁ ଛୁଆଗୁଡିକ ଗୋଟିଏ ପ୍ରକାରର  ଦେଖାଗଲେ ମଧ୍ଯ ବଡ ହୋଇଗଲା ପରେ ଛୁଆଗୁଡିକ ଭିତରୁ  ସବୁ  ଛୁଆଗୁଡିକ କାଉଛୁଆ ନୁହଁନ୍ତି ବୋଲି ଜଣାପଡିଯାଏ । ସେହିଭଳି ଆଜି କେତେକ ହେତୁବାଦୀ ଭଳି ଦେଖାଗଲେ ମଧ୍ଯ ସେମାନଙ୍କ ଭିତରୁ ସମସ୍ତେ ପ୍ରକୃତ ହେତୁବାଦୀ ନୁହନ୍ତି, ସେଇମାନଙ୍କ ଭିତରେ କେତେକଙ୍କ ଠାରେ ହେତୁ ହିଁ ନଥାଏ । ସେହିଭଳି ବିଶ୍ୱାସ ଭିତରେ ସବୁଗୁଡିକ ଅନ୍ଧବିଶ୍ୱାସ ନୁହେଁ, ମହାନ ସତ୍ୟ ମଧ୍ଯ ଥାଏ । ତେଣୁ ବିଶ୍ୱାସକୁ ଆମେ ବିଶ୍ୱାସ କରୁନାହୁଁ କହୁଥିବା ହେତୁବାଦୀ ମାନଙ୍କ ସୂତ୍ର ଅସଲି ସୀସା ହେଲେ ମଧ୍ଯ  ଆମଭଳି ହେତୁବାଦୀ ସେମାନଙ୍କ ସୂତ୍ରକୁ ସ୍ୱୀକାର କରୁ ନାହୁଁ । ବିଶ୍ୱାସକୁ ଆମେ ସ୍ୱୀକାର କରୁନାହୁଁ ବୋଲି କହୁଥିବା ହେତୁବାଦୀଙ୍କ ସୂତ୍ର ଖଣ୍ଡିତ ହୋଇଯାଉଛି । କେତେକ ବିଶ୍ୱାସକୁ ନିହାତି ସ୍ୱୀକାର କରିବାକୁ ପଡିବ । ହେତୁବାଦ ଶାସ୍ତ୍ରବଦ୍ଧ, ତେଣୁ ଯେଉଁମାନେ ଅନ୍ଧ ଭାବରେ ଖଣ୍ଡନ କରନ୍ତି ସେମାନଙ୍କୁ ହେତୁବାଦୀ କହିପାରିବା ନାହିଁ ।

ନାସ୍ତିକମାନେ ଈଶ୍ୱର ନାହାନ୍ତି ବୋଲି କହିଥାନ୍ତି । ହେତୁବାଦୀମାନେ ଦେଖାଯାଉ ନଥିବା ଈଶ୍ୱର ଏକ ବିଶ୍ୱାସ ଉପରେ ଆଧାରିତ ହୋଇ ଅଛନ୍ତି, ସାଇନ୍ସ ଅନୁସାରେ ବିଶ୍ୱାସର ସ୍ଥାନ ନାହିଁ, ତେଣୁ ଈଶ୍ୱରଙ୍କୁ ଆସ୍ତିକମାନେ କଳ୍ପନା କରିଛନ୍ତି ସିନା ବାସ୍ତବ ନୁହେଁ ବୋଲି କହୁଛନ୍ତି । ତାଛଡା ଷଷ୍ଠତମ ଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ର ଭଗବଦ୍ଗୀତାକୁ ମଧ୍ଯ ସେମାନେ କଳ୍ପିତ ବୋଲି କହୁଛନ୍ତି । ଦୋଷାରୋପ କରିବାରେ ଲାଗିପଡିଥିବା ହେତୁବାଦୀମାନେ, ବାସ୍ତବତା କଣ ଅଛି  ବୋଲି  ଟିକିଏ  ଆଲୋଚନା କରୁନାହାନ୍ତି । ଈଶ୍ୱର

ଅଛନ୍ତି ବୋଲି କହୁଥିବା ଲୋକ ସାଥିରେ ଆମେ ଯୁକ୍ତି ହିଁ କରୁ ନାହୁଁ ବୋଲି ସେମାନେ କହିଥାନ୍ତି । ଯଦି ଯୁକ୍ତି କରିବେ ତେବେ ଛନ୍ଦିହୋଇଯିବା ଭଳି ହେବ, ସେମାନଙ୍କ ଠାରେ ବିଶ୍ୱାସ ଅଣାଇପାରିବୁ ନାହିଁ ବୋଲି, କହୁଥିବା ହେତୁବାଦୀମାନେ ଶାସ୍ତ୍ରବଦ୍ଧ ଭାବରେ ଈଶ୍ୱର ନାହାନ୍ତି ବୋଲି ପ୍ରମାଣିତ କରିନପାରି, ଉପଯୁକ୍ତ କାରଣ ନଦେଖାଇ, ଆସ୍ତିକମାନଙ୍କ ସହିତ ଯୁକ୍ତି କରିବା ସେମାନଙ୍କ କାମ ବୋଲି ଭାବିନେଇଥାନ୍ତି । ହେତୁବାଦୀମାନେ ଯାହାସବୁ କହୁଥାନ୍ତି ତାହା ପ୍ରଶ୍ନ ରୂପରେ ଥାଏ, ବିମର୍ଶ ରୂପରେ ଥାଏ, କିନ୍ତୁ ଉତ୍ତର କିମ୍ବା ବିବରଣ ନଥାଏ, ସେମାନଙ୍କ ପ୍ରଶ୍ନ ୧) ଯଦି କେହି ଈଶ୍ୱରଙ୍କୁ ଦେଖିଛନ୍ତି ତେବେ ଆମକୁ ଟିକିଏ ଦେଖାଇ ଦିଅନ୍ତୁ, ସେତେବେଳେ ଆମେ ଈଶ୍ୱର ଅଛନ୍ତି ବୋଲି ବିଶ୍ୱାସ କରିପାରିବୁ ୨) ଯଦି ଈଶ୍ୱର ଅଛନ୍ତି, ସେ ଆମକୁ କାହିଁକି ଦେଖାଯାଉ ନାହାନ୍ତି ? ୩) ଈଶ୍ୱର, ଭୂତ ପ୍ରେତାଦି ଆସ୍ତିକମାନେ ହିଁ କଳ୍ପନା କରିଛନ୍ତି ! ଏସବୁକୁ ସେମାନେ ପ୍ରମାଣିତ କରିପାରିବେ ? ୪) ଡାକୁଥିବା ଲୋକର କାମନା ପୂରଣ କରୁଥିବା ଈଶ୍ୱର ଡାକୁନଥିବା ଲୋକର କଣ କରିପାରେ ? ୫) ଆମେ ତ ଈଶ୍ୱରଙ୍କୁ ମାନୁ ନାହୁଁ, ଆମର କଣ କ୍ଷତି କରିପକାଉଛନ୍ତି ? ୬) ଯେଉଁମାନେ ଈଶ୍ୱର ଅଛନ୍ତି ବୋଲି କହନ୍ତି ସେମାନେ ଅନ୍ୟମାନଙ୍କୁ କଣ ଭ୍ରମିତ କରିବା ଭଳି ହୁଏନି ? ୭) ଆସ୍ତିକମାନେ ସେମାନଙ୍କ ବିଶ୍ୱାସକୁ ସମସ୍ତଙ୍କ ଉପରେ ସେମାନଙ୍କ ବାଣୀ ଦ୍ୱାରା ଲଦିଦେବାକୁ ଚାହାନ୍ତି । ଏହିଭଳି ହେତୁବାଦୀ ହୋଇନଥିବା ହେତୁବାଦୀମାନେ ଆସ୍ତିକମାନଙ୍କ ଉପରେ ନାନା ପ୍ରକାରର ଅଯଥା ଦୋଷାରୋପ କରିଥାନ୍ତି ।

ଷଷ୍ଠତମ ଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ର କଅଣ, ସେଥିରେ ଥିବା ବାସ୍ତବିକତା କଅଣ, ଆସ୍ତିକମାନଙ୍କୁ ମଧ୍ୟ ଜଣା ନଥିବା କାଳରେ ହେତୁବାଦୀ ମାନଙ୍କୁ ଜବାବ ଦେଇ ନପାରିବା ଲୋକମାନେ ନଥାଇ ପାରନ୍ତି । ହେତୁବାଦୀ ମାନଙ୍କୁ ଐଶ୍ୱରୀୟ ବିଷୟ ବୁଝାଯିବାକୁ ହେଲେ,

ଫିଲସଫି କଣ ଜାଣିବାକୁ ହେଲେ, ପ୍ରଥମେ ସେମାନଙ୍କୁ ସ୍ଥୁଳ, ସୂକ୍ଷ୍ମ କଅଣ ବୁଝିବାକୁ ପଡିବ । ଉଦାହରଣ ପାଇଁ ଏଠାରେ ବିବରଣୀ ଦେବା । ଗୋଟିଏ ଘରେ ଫ୍ୟାନ ବୁଲୁଛି, ଟିଭି ଚାଲୁଛି, ପାଣି ମୋଟର କାମ କରୁଛି । ଘରେ ଏଭଳି ରହିଥିବା ଉପକରଣ ଗୁଡିକ ଅନେକ ପ୍ରକାରର ଉପଯୋଗ ହେଉଛି ବୋଲି ସମସ୍ତେ ଜାଣନ୍ତି । ଏସବୁ ବୈଦୁତିକ ଉପକରଣ ଚାଲିବା ପାଇଁ ବିଦ୍ୟୁତ୍ ଆବଶ୍ୟକ । ସ୍ଥୁଳତଃ ଏହି ଉପକରଣ ଗୁଡିକ ଆଖିକୁ ଦେଖାଯାଉଥିଲେ ମଧ୍ୟ, ଚାଲିବା ପାଇଁ ସୂକ୍ଷ୍ମତଃ ଆଖିକୁ ଦେଖାଯାଉନଥିବା ବିଦ୍ୟୁତ୍ଶକ୍ତି ଆବଶ୍ୟକ । ଏକ ବଡ ବୈଦୁତିକ ଉପକରଣ ଚାଲିବା ପାଇଁ ବଳ ଆବଶ୍ୟକ, ତାହା ହିଁ ବିଦ୍ୟୁତ୍ ଶକ୍ତି (ବିଜୁଳିଶକ୍ତି) ବୋଲି ସମସ୍ତେ ଜାଣନ୍ତି । କାର୍ଯ୍ୟ କରୁଥିବା ଉପକରଣ ଦେଖାଯାଉଛି, ଉପକରଣକୁ ଚଳାଉଥିବା ବିଦ୍ୟୁତ୍ ଶକ୍ତି କାହା ଆଖିକୁ ଦେଖାଯାଏ ନାହିଁ । ଆମେ କରେଣ୍ଟ୍ ତାରକୁ ଦେଖି ପାରୁଛେ ସିନା ସେଥିରେ ଦୌଡୁଥିବା କରେଣ୍ଟ୍ ବା ବିଦ୍ୟୁତ୍ ଶକ୍ତିକୁ ଦେଖିପାରୁ ନାହେଁ । ବିଦ୍ୟୁତ୍ଶକ୍ତି ସୂକ୍ଷ୍ମ ହୋଇଥିବାରୁ ଆମେ ତାହା ଦେଖିପାରୁ ନାହେଁ, ତାହା ଆମକୁ ଦେଖାଯାଉ ନାହିଁ ବୋଲି ଯେ ସେଥିରେ ବିଦ୍ୟୁତ୍ଶକ୍ତି ନାହିଁ ବୋଲି କହିପାରିବା ନାହିଁ । ଆଖିକୁ ଦେଖାନଗଲେ ମଧ୍ୟ ସେଥିରେ ଶକ୍ତି ଅଛି ବୋଲି ବିଶ୍ୱାସ କରିବାକୁ ପଡିବ । ବିଦ୍ୟୁତ୍ ଶକ୍ତି ଦ୍ୱାରା କାର୍ଯ୍ୟ ହେଉଛି, ତେଣୁ ଅଛି ବୋଲି ପ୍ରମାଣିତ ହେଉଛି, ସେଥିଲାଗି ଆଖିକୁ ଦେଖାନଗଲେ ମଧ୍ୟ, କାର୍ଯ୍ୟ କରୁଥିବାରୁ ତାହା ବିଜ୍ଞାନ ସମ୍ବନ୍ଧୀୟ ବିଷୟ ବୋଲି ହେତୁବାଦୀ କହିପାରିବ । ହେତୁବାଦୀମାନେ ଏଠାରେ ଦେଖାଯାଉ ନଥିବା ବିଦ୍ୟୁତ୍ଶକ୍ତିକୁ ବିଶ୍ୱାସ କରୁଛନ୍ତି କି ନାଇଁ !

ଭୂପୃଷ୍ଠରେ ଥିବା ଛୋଟ, ବଡ ବିଭିନ୍ନ ପ୍ରକାରର ସ୍ଥୁଳଶରୀର ଆମ ଆଖିକୁ ଦେଖାଯାଉଛି, ସେହି ଶରୀରଗୁଡିକୁ ପରିଚାଳିତ କରୁଥିବା ଶକ୍ତି ମଧ୍ୟ ନିଶ୍ଚୟ ଅଛି । ଶକ୍ତି ଅଛି ବୋଲି ଶରୀରଗୁଡିକ ଚଳପ୍ରଚଳ ହେଉଛି । କରେଣ୍ଟ୍ ଥିବା ସମୟରେ ଚାଲୁଥିବା ଫ୍ୟାନ୍, କରେଣ୍ଟ୍ ଚାଲିଗଲା

ବେଳେ ବନ୍ଦ ହୋଇଯାଉଛି । ସେହିଭଳି ଶକ୍ତି ଶରୀରରେ ଥିବାବେଳେ ଶରୀର କାର୍ଯ୍ୟକ୍ଷମ ହୋଇପାରୁଛି । କରେଣ୍ଟ୍ ଚାଲିଗଲା ବେଳେ ଫ୍ୟାନ୍ ବନ୍ଦ ହୋଇଯିବା ଭଳି ଶରୀରରୁ ଶକ୍ତି ବା ଚୈତନ୍ୟ ଚାଲିଯିବା ପରେ ଶରୀର ମୃତ ହୋଇଯାଉଛି । ଫ୍ୟାନ ଚାଲିବାକୁ ଯେଉଁ ଶକ୍ତି ବ୍ୟବହାର କରୁଛେ ଆମେ ତାହାକୁ ବିଦ୍ୟୁତ୍ ଶକ୍ତି ବା କରେଣ୍ଟ୍ ବୋଲି ଏକ ନାଆଁ ଦେଇଛେ । ସେହିଭଳି ଶରୀରକୁ ପରିଚାଳିତ କରୁଥିବା ଶକ୍ତିର ଏକ ନାଆଁ ଅଛି, ତାହା ଆତ୍ମାଶକ୍ତି । ଶକ୍ତିର ନାଆଁରେ ପରିବର୍ତ୍ତନ ଥାଏ । ଶକ୍ତିକୁ ଆମେ ଅଲଗା ଅଲଗା ନାଆଁରେ କହିଲେ ମଧ୍ୟ, ଶକ୍ତିର କାମ ହେଲା ପରିଚାଳିତ କରାଇବା । କରେଣ୍ଟ୍ ବାବଦରେ ଜାଣିବାକୁ କେତେ ଉପକରଣ ଆମ ପାଖରେ ରଖିଛେ । କରେଣ୍ଟ୍ କହିଲେ କଅଣ ? ତାର ଭୋଲ୍ଟେଜ୍ କହିଲେ କଅଣ ? ତାହା ପ୍ରବାହିତ ହେବାପାଇଁ କେଉଁ ଧାତୁ ଆବଶ୍ୟକ ? ତାହା କେଉଁ କେଉଁ ଉପକରଣରେ କାର୍ଯ୍ୟକରେ ? ତାହା କିପରି ଅନ୍, ଅଫ୍ ହୁଏ ? ପ୍ରଥମେ ତାହା କିପରି ଜନ୍ମହୁଏ ? ଏଭଳି ଅନେକ ପ୍ରଶ୍ନର ଜବାବ ଆମ ପାଖରେ ଥାଏ, ଏସବୁକୁ ଆମେ ପରିଶୀଳନ ବା ଅନୁଶୀଳନ ଦ୍ୱାରା ଜାଣିଛେ । କରେଣ୍ଟ୍ ଏ ସାରା ପ୍ରପଞ୍ଚ ଜନ୍ମହେବା ବେଳୁ ଥିଲେ ମଧ୍ୟ, ଦିନେ କାହାକୁ ଜଣା ନଥିଲା । ଅନେକ ଯୁଗ ପର୍ଯ୍ୟନ୍ତ କାହାକୁ ଜଣା ନଥିବା କରେଣ୍ଟ୍ ଏଇ ମଧ୍ୟକାଳୀନ କେଇଶହ ବର୍ଷ ପୂର୍ବେ ଜାଣିପାରିଛେ । ଆଜି କରେଣ୍ଟରେ ପଜିଟିଭ୍, ନେଗେଟିଭ୍ ଥିବା ଭଳି, ପୂର୍ବେ ଧନଧ୍ରୁବ, ଋଣଧ୍ରୁବ ଥିଲା । ଆକାଶରେ ଧନଧ୍ରୁବ, ଭୂମିରେ ଋଣଧ୍ରୁବ ରହିଛି ବୋଲି ଖରାଦିନରୁ ଆରମ୍ଭ ହେଉଥିବା ପ୍ରଥମ ବର୍ଷା ହେବାବେଳେ ଧନଧ୍ରୁବ, ଋଣଧ୍ରୁବ ମିଳିତ ହେବାବେଳେ ବିଜୁଳି, ଘଡଘଡି ହୋଇଥାଏ ବୋଲି ବିଜ୍ଞାନ କହୁଛି । ବିଜୁଳି, ଘଡଘଡି ପ୍ରତ୍ୟକ୍ଷ୍ୟ ଭାବରେ ଦେଖାଯାଉଥିବାରୁ, ବଜ୍ରପାତ ନାମରେ ଶକ୍ ଲାଗିବା ଦ୍ୱାରା ମଣିଷ, ଜନ୍ତୁ ଇତ୍ୟାଦି ମୃତ୍ୟୁବରଣ କରିବା ଦ୍ୱାରା ତାହାକୁ କରେଣ୍ଟ୍

(ବିଦ୍ୟୁତ୍) ବୋଲି କହୁଛେ ହେଲେ ତାହାକୁ ଆକାଶରୁ ଆସୁଥିବା କରେଣ୍ଟ୍ ବୋଲି ପୂର୍ବ କାଳରୁ ଲୋକେ କହି ଆସୁଛନ୍ତି । ଓଡିଆ ଭାଷାରେ ଆକାଶ ବିଜୁଳି, ହିନ୍ଦିରେ ଆସ୍ମାନୀ ବିଜ୍ଲି ବୋଲି ଏହି କରେଣ୍ଟକୁ ହିଁ ପୂର୍ବକାଳରୁ ପଢାଲେଖା ଜାଣିନଥିବା ଲୋକେ କହି ଆସୁଛନ୍ତି । ଏତେବଡ ବିଜୁଳି ବା କରେଣ୍ଟ୍ ତିଆରି ହେବାପାଇଁ ଭୂମିରେ ଥିବା ଚୂମ୍ବକୀୟ ଶକ୍ତି ହିଁ କାରଣ ହୋଇଥାଏ । ଚୂମ୍ବକର ଉତ୍ତର, ଦକ୍ଷିଣଧୃବ ନାମରେ ଦୁଇଟି ଧୃବ ରହିଥାଏ । ପ୍ରପଞ୍ଚବ୍ୟାପ୍ତ ଭାବରେ ଏହି ଚୁମ୍ବକୀୟ ଶକ୍ତି ଉତ୍ତର, ଦକ୍ଷିଣ ଧୃବ ହୋଇ, ରାତିରେ ନିହାରୀକା ଭାବରେ ଦେଖାଯାଏ । ଏହି ଉତ୍ତର, ଦକ୍ଷିଣ ଧୃବ ଦ୍ୱାରା କରେଣ୍ଟ୍ ପଜିଟିଭ୍ ଏବଂ ନେଗେଟିଭ୍ ଧୃବ ବିଶିଷ୍ଟ ହୋଇ ତିଆରି ହୋଇଥାଏ । ଦେଖାଯାଉ ନଥିବା ଚୁମ୍ବକୀୟ ଶକ୍ତିରୁ ଦେଖାଯାଉ ନଥିବା କରେଣ୍ଟ୍ ତିଆରି ହୋଇଥାଏ । ଏହି ସୂତ୍ର ଅନୁସାରେ ଆଜି ଚୁମ୍ବକ ଦ୍ୱାରା କରେଣ୍ଟ୍ ତିଆରି କରାଯାଏ । ଏପର୍ଯ୍ୟନ୍ତ କରେଣ୍ଟ୍ ବାବଦରେ ଜାଣିଲେ,ଏବେ କରେଣ୍ଟ୍ ଭଳି ରହିଥିବା ଆତ୍ମାକୁ ଜାଣିବା ।

ଯନ୍ତ୍ରକୁ ପରିଚାଳିତ କରିଥାଏ କରେଣ୍ଟ୍ ବା ବିଦ୍ୟୁତ୍ । ଶରୀରକୁ ପରିଚାଳିତ କରିଥାଏ ଆତ୍ମା । ବିଦ୍ୟୁତର ଥିବା ଶକ୍ତିକୁ ବିଦ୍ୟୁତ୍ ଶକ୍ତି କହୁଛେ । ସେହିଭଳି ଆତ୍ମାର ଥିବା ଶକ୍ତିକୁ ଆତ୍ମା ଶକ୍ତି କୁହାଯାଏ । ବିଦ୍ୟୁତ୍ ଦେଖାଯାଉ ନଥିବା ଚୁମ୍ବକର ଶକ୍ତିରୁ ତିଆରି ହୋଇଥାଏ । ସେହିଭଳି ଆତ୍ମା ଏକ ଆଦିଅନ୍ତ ନଥିବା ଶକ୍ତିରୁ ତିଆରି, ସେହି ଅନନ୍ତ ଶକ୍ତିରୁ ତିଆରି ହୋଇଥିବା ଶକ୍ତି ହିଁ ହେତୁବାଦୀ, ନାସ୍ତିକବାଦୀ ମାନଙ୍କ ଶରୀରରେ ରହିଥିବା ଶକ୍ତି । ହେତୁବାଦୀ ମାନଙ୍କ ଶରୀରର ପ୍ରତ୍ୟେକ ଭାଗରେ ସେହି ଅନ୍ତ ଆଦି ନଥିବା ଶକ୍ତିରୁ ତିଆରି ହୋଇଥିବା ଶକ୍ତି ବା ଆତ୍ମାଶକ୍ତି ହିଁ କାର୍ଯ୍ୟ କରୁଛି । ଯେଉଁ ଶକ୍ତି ଦ୍ୱାରା ସେମାନେ ଚାଲିବୁଲି ପାରୁଛନ୍ତି, ସେହି ଶକ୍ତିକୁ, ସେହି ଶକ୍ତିକୁ ତିଆରି କରିଥିବା ଅନନ୍ତ ଶକ୍ତିକୁ ହେତୁବାଦୀମାନେ ମଧ୍ୟ ଅସ୍ୱୀକାର କରିପାରିବେ ନାହିଁ । ଶରୀରରେ ଶକ୍ତି ଅଛି ବୋଲି ଯେଉଁମାନେ

ବିଶ୍ୱାସ କରୁଛନ୍ତି, ସେହି ଶକ୍ତିକୁ ଆତ୍ମାଶକ୍ତି ବୋଲି ନାଆଁ ଦେଲେ କାହିଁକି ସ୍ୱୀକାର କରୁନାହାନ୍ତି ? ସେହିଭଳି ଆତ୍ମାଶକ୍ତିର ମୂଳ ହୋଇ ପରମ ଭାବରେ ଥିବା ଶକ୍ତିକୁ ପରମାତ୍ମା କହିଲେ, ତାହା ଏକ ଆଲର୍ଜି ଭଳି, ସେକଥା ଆମକୁ କହନି କହନି.. ସେସବୁକୁ ଆମେ ମାନୁନାହୁଁ । ବୋଲି କହୁଛନ୍ତି, କଣ ଏଇଆ ତୁମ ହେତୁବାଦ ? ଶରୀରର ଚୈତନ୍ୟ ଶକ୍ତିକୁ ଦୈବଶକ୍ତି କହିଲେ ସେମାନେ କାହିଁକି ସ୍ୱୀକାର କରନ୍ତି ନାହିଁ ? ଭଗବାନ ଭଗବଦ୍ଗୀତାରେ ଯେଉଁ ଶକ୍ତି ବାବଦରେ କହିଛନ୍ତି ତାହା କଣ ତୁମ ଶରୀରରେ କରେଣ୍ଟ୍ ଭଳି କାମ କରୁନାହିଁ ! ଗୀତାରେ ଶରୀରାନ୍ତର୍ଗତ ଶକ୍ତି କହିଲେ କଅଣ, ତାହା କିପରି, ତାହା ସମସ୍ତଙ୍କଠାରେ କେମିତି କାମକରୁଛି ସବୁ ବିବରଣାତ୍ମକ କୁହାଯାଇଛି । ଯନ୍ତ୍ରରେ କାର୍ଯ୍ୟ କରୁଥିବା କରେଣ୍ଟ୍ ଶକ୍ତିକୁ ବିଜ୍ଞାନ (ସାଇନ୍ସ) ଦ୍ୱାରା ବିବରଣାତ୍ମକ କହିବା ଭଳି, ଶରୀର ଯନ୍ତ୍ରରେ କାର୍ଯ୍ୟ କରୁଥିବା ଆତ୍ମାକୁ ମଧ୍ଯ ଭଗବାନ ବିଜ୍ଞାନ ଦ୍ୱାରା ବିବରଣୀ ପ୍ରଦାନ କରିଛନ୍ତି । ଯଦି ଯନ୍ତ୍ରର ଶକ୍ତିକୁ ସାଇନ୍ସ କହୁଛ ! ଶରୀରର ଶକ୍ତିକୁ କାହିଁକି ସାଇନ୍ସ କହୁନାହଁ ? ୧) କରେଣ୍ଟ୍ ଦେଖାଯାଉ ନଥିବା ଶକ୍ତି, ଆତ୍ମା ମଧ୍ଯ ଦେଖାଯାଉ ନଥିବା ଶକ୍ତି । ୨) କରେଣ୍ଟ୍ ଗୋଟିଏ ଜାଗାରୁ ଜନ୍ମ ହେବା ଭଳି, ଆତ୍ମା ମଧ୍ଯ ଏକ କେନ୍ଦ୍ରରୁ ଜନ୍ମ ହୋଇଛି । ୩) କରେଣ୍ଟ୍ ଜନ୍ତ୍ରପାତିକୁ ପରିଚାଳିତ କରୁଛି, ଆତ୍ମା ମଧ୍ଯ ଶରୀର ଯନ୍ତ୍ରକୁ ପରିଚାଳିତ କରୁଛି । ୪) କରେଣ୍ଟ୍ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ପ୍ରବାହିତ ହେଉଛି, ସେହିଭଳି ଆତ୍ମା ମଧ୍ଯ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାତ୍ରାକରୁଛି । ୫) କରେଣ୍ଟ୍ ପ୍ରବାହିତ ହେବାପାଇଁ ଧାତୁ ଆବଶ୍ୟକ, ଠିକ୍ ସେହିଭଳି ଆତ୍ମା ଯାତ୍ରା କରିବାପାଇଁ ଶୂନ୍ୟ ଆବଶ୍ୟକ । ୬) କରେଣ୍ଟର ଦୁଇଟି ଧ୍ରୁବ ରହିଥାଏ, ସେହିଭଳି ଆତ୍ମାର ଦୁଇଟି ଧ୍ରୁବ ରହିଥାଏ । ୭) କରେଣ୍ଟର ଧ୍ରୁବ ଯୁକ୍ତ (+) ବିଯୁକ୍ତ (-) ଥିବା ଭଳି, ଆତ୍ମାର ଉତ୍ତର, ଦକ୍ଷିଣ ଧ୍ରୁବ ରହିଥାଏ । ୮) କରେଣ୍ଟ ଚୁମ୍ବକୀୟ ଶକ୍ତିରୁ ଜନ୍ମ ହେବାଭଳି, ଆତ୍ମା

ଚୁମ୍ବକର ଚୁମ୍ବକ ହୋଇଥିବା ଶକ୍ତିରୁ ଜନ୍ମ ହୋଇଛି । ୯) କରେଣ୍ଟର ଦୁଇ ଧ୍ରୁବକୁ ଯୋଡିଲେ ଅଗ୍ନି ଉତ୍ପନ୍ନ ହୋଇଥାଏ, ସେହିଭଳି ଆତ୍ମାର ଉତ୍ତର, ଦକ୍ଷିଣ ଧ୍ରୁବକୁ ଯୋଡିଲେ ଅର୍ଥାତ୍ ବାମ, ଦକ୍ଷିଣ ହୋଇ ଚାଲୁଥିବା ଶ୍ୱାସକୁ ମିଶାଇ ଅଟକାଇଲେ ଜ୍ଞାନାଗ୍ନି ଉତ୍ପନ୍ନ ହୋଇଥାଏ । ୧୦) କରେଣ୍ଟ୍ ରିଡିଙ୍ଗ୍ ପାଇଁ ମିଟର ଥିବା ଭଳି, ଆତ୍ମାର ରିଡିଙ୍ଗ୍ ମୁଣ୍ଡରେ ଥିବା କର୍ମଚକ୍ରରେ ରହିଥାଏ । ୧୧) କରେଣ୍ଟ୍ ରିଡିଙ୍ଗ୍ ୟୁନିଟ୍ ହୋଇ ରହିଥିବା ବେଳେ, ଆତ୍ମା ରିଡିଙ୍ଗ୍ ପାପପୁଣ୍ୟ ଭାବରେ ରହିଥାଏ । ୧୨) କରେଣ୍ଟର ମେନ୍ ଷ୍ଟେସନ୍, ସବ୍ ଷ୍ଟେସନ୍ ଥିବା ଭଳି, ଆତ୍ମାର ବଡ ସ୍ଟେଷନ୍ ମସ୍ତିଷ୍କ ଏବଂ ଛୋଟ ଷ୍ଟେସନ୍ ଛଅଗୋଟି ନାଡୀକେନ୍ଦ୍ରରେ ଥାଏ । ୧୩) କରେଣ୍ଟ୍ ସପ୍ଲାଇ ବନ୍ଦ ହୋଇଗଲେ ଯନ୍ତ୍ର କିଛି ଭାଗ କାର୍ଯ୍ୟ ନକରିବା ଭଳି, ଶରୀରର ନାଡୀକେନ୍ଦ୍ର ଗୁଡିକରୁ କୌଣସି କେନ୍ଦ୍ରର ଆତ୍ମାଶକ୍ତି ବନ୍ଦ ହୋଇଗଲେ, ସେହି କେନ୍ଦ୍ରର ଅଧିନରେ ଥିବା ଶରୀର ଅବୟବ କାର୍ଯ୍ୟ କରେନାହିଁ । ୧୪) କରେଣ୍ଟ୍ ଶକ୍ତିକୁ ଜାଣିପାରିବା ଭଳି, ଚୁମ୍ବକୀୟ ଶକ୍ତି କଣ ତା ବାବଦରେ କାହାକୁ ଜଣା ନଥିବା ଭଳି, ଆତ୍ମାକୁ ଜାଣିପାରିବା ସିନା, ତାର ମୂଳ ହୋଇଥିବା ପରମାତ୍ମା କିପରି, କଅଣ କେହି ଜାଣିପାରନ୍ତି ନାହିଁ । ଏମିତି ଅନେକ ପ୍ରକାରରେ ବାହ୍ୟତଃ କରେଣ୍ଟ୍ ଥିବା ଭଳି, ଶରୀରରେ ଆତ୍ମା ରହିଥାଏ । ଶରୀରରେ ଥିବା ଶକ୍ତି ହିଁ ଆତ୍ମା, ତାର ଉତ୍ପତି ସ୍ଥଳ ପରମାତ୍ମା । ଶରୀର ଭିତରେ ରହିଥିବା ଆତ୍ମା ସମସ୍ତଙ୍କ ଶରୀରରେ ଗୋଟିଏ ପ୍ରକାରର ଅଛି । ତେଣୁ ହେତୁବାଦୀମାନେ ଏହିପରି ସେମାନଙ୍କ ଶରୀରରେ ଥିବା ଆତ୍ମାଶକ୍ତି ବାବଦରେ ଆଲୋଚନା କରି ଯଦି ନାହିଁ ବୋଲି କହିପାରିବେ, ତେବେ ପରମାତ୍ମା ବା ଈଶ୍ୱର ମଧ୍ୟ ନାହାନ୍ତି ବୋଲି କହିପାରିବେ ।

ଭଗବଦ୍ଗୀତା ଶାସ୍ତ୍ରବଦ୍ଧ ଏବଂ ହେତୁବଦ୍ଧ ! ଆସ୍ତିକମାନଙ୍କର ଯାଗଯଜ୍ଞ, ବେଦପଠନ, ଦାନ, ତପସ୍ୟାକୁ ଭଗବଦ୍ଗୀତା ସମ୍ପୂର୍ଣ୍ଣ ଖଣ୍ଡନ କରି, ତୁମେମାନେ ଭାବୁଥିବା ମାର୍ଗରେ ଈଶ୍ୱର ମିଳନ୍ତି ନାହିଁ ବୋଲି ମଧ୍ୟ

କହିଛି, ଯଦି କେହି ଶରୀରକୁ ଅନୁଶୀଳନ କରେ ତେବେ ସେଥିରୁ ତାକୁ ଆତ୍ମା ମିଳେ, କିନ୍ତୁ ଆତ୍ମାର ମୂଳ ପରମାତ୍ମା ମିଳନ୍ତି ନାହିଁ ବୋଲି କହିଛି, ଆଜିପର୍ଯ୍ୟନ୍ତ କୌଣସି ଦେହଧାରୀ ଈଶ୍ୱରଙ୍କୁ ଦେଖିନାହିଁ ବୋଲି କହିଛି । ଈଶ୍ୱରଙ୍କୁ ଜାଣିବାକୁହେଲେ ଶରୀର ଭିତରେ ଥିବା ଆତ୍ମାକୁ ଜାଣ, ତାହା ହିଁ ଆତ୍ମଜ୍ଞାନ ବୋଲି ଗୀତା କହିଛି । ବାହାରେ ଥିବା ଦେବାଳୟ (ମନ୍ଦିର) ଶରୀର ନିର୍ମାଣକୁ ଅନୁସରଣ କରି ଗଢାଯାଇଛି, ଦେବାଳୟର ପ୍ରତିମା ଶରୀରର ଆତ୍ମାକୁ ଅନୁସରଣ କରି ସ୍ଥାପନ କରାଯାଇଛି, ବାହାରେ ଦେବାଳୟ, ତା ଭିତରେ ଥିବା ପ୍ରତିମାକୁ ଦେଖିବା ବେଳେ, ଆତ୍ମା ମନେପଡେ ବୋଲି କହିଛି । ଦେବାଳୟର ଆରାଧନା ହିଁ ଶରୀରରେ ଆତ୍ମାକୁ ଜାଣିବାର ସାଧନରୂପ ବୋଲି ଜାଣିବା ଉଚିତ୍ । ଆସ୍ତିକତ୍ୱ ଭଗବଦ୍ଗୀତାରେ ସମ୍ପୂର୍ଣ୍ଣ ମିଶି ରହିଥିବା ବେଳେ, ଶରୀର ଭିତରେ ନଖୋଜି, ଗୀତାର ବ୍ୟତିରେକ ଯଜ୍ଞଯାଗାଦି କରିବା, ବେଦପଠନ କରିବା, ଦାନ, ତପସ୍ୟା କରିବା କଣ ଆସ୍ତିକତ୍ୱ ! ସେହିଭଳି ଭଗବଦ୍ଗୀତାରେ ଶାସ୍ତ୍ରୀୟତା, ହେତୁବଦ୍ଧତା ମିଶି ରହିଥିବା ବେଳେ, ଭଗବଦ୍ଗୀତା କଳ୍ପିତ, ଆତ୍ମା ପରମାତ୍ମା କେଉଁଠି ନାହିଁ ବୋଲି କହୁଥିବା ଲୋକମାନେ ନାସ୍ତିକ ନୁହନ୍ତି କି ହେତୁବାଦୀ ନୁହନ୍ତି । ଆଜି ରହିଥିବା ଆସ୍ତିକତ୍ୱ, ନାସ୍ତିକତ୍ୱ ଭଗବତ୍ ଗୀତାର ବ୍ୟତିରେକ ହୋଇ ରହିଛି, ବିଜ୍ଞାନର ବିଜ୍ଞାନ (ସୁପର ସାଇନ୍ସ) ହୋଇଥିବା ଭଗବଦ୍ଗୀତା ଆଜି ରହିଥିବା ହେତୁବାଦୀ ମାନଙ୍କୁ, ଆସ୍ତିକବାଦୀ ମାନଙ୍କୁ କେବେ ସ୍ୱୀକାର କରିବ ନାହିଁ ବୋଲି ଜାଣିବା ଉଚିତ୍ । ଏବେ ମଧ୍ୟ ସମୟ ଅଛି, ସେମାନଙ୍କର ଥିବା ବିଶ୍ୱାସ ସତ୍ୟ କି ଅସତ୍ୟ ତାହା ଆସ୍ତିକମାନେ, ହେତୁବାଦୀମାନେ ପୁନରାଲୋଚନା କରିବେ ବୋଲି ଆଶା କରୁଛୁ । ବାସ୍ତବିକ ଆସ୍ତିକତ୍ୱ ଏବଂ ପ୍ରକୃତ ହେତୁବାଦର ବେଦୀ ହେଉଛି ଶରୀର, ତା ଭିତରର ପରିଶୀଳନ ହିଁ ପ୍ରକୃତ ବିଜ୍ଞାନ ବୋଲି ଜଣାଉଛି ।

*****

# ରଚୟିତାଙ୍କ ଶେଷକଥା

ଦ୍ୱାପରଯୁଗରେ ଦୈବଧର୍ମରେ ଗ୍ଲାନି ସୃଷ୍ଟି ହୋଇଥିଲା, ସେଦିନ ରହିଥିବା ମୁନି, ମହର୍ଷିମାନେ ଦୈବମାର୍ଗକୁ ଛାଡି ମାୟାଧର୍ମ ହୋଇଥିବା ଯଜ୍ଞଯାଗ, ଜପତପ, ବ୍ରତକ୍ରତୁରେ ଲଗ୍ନ ହୋଇଯାଇଥିଲେ । ଦୈବଭକ୍ତି କହିଲେ ମୁନି, ମହର୍ଷିମାନେ କରିଯାଇଥିବା ଆଚରଣ ବୋଲି ପ୍ରଜାମାନେ ତାହା ଅନୁସରଣ କରୁଥିଲେ । ଏହା ଉଚିତ୍ ମାର୍ଗ ବୋଲି କହିବା ପାତ୍ର କେହି ବି ନଥିଲେ । ଏହିଭଳି ପରିସ୍ଥିତିରେ ମଣିଷକୁ ଗୀତା ନାମରେ ଈଶ୍ୱର ହିଁ ଦୈବଧର୍ମ ଜଣାଇଥିଲେ । ଈଶ୍ୱର ବା ପରମାତ୍ମା ଏଭଳି ଜଣାଇଥିଲେ ମଧ୍ୟ, ଆଜିର ମାନବ ଗୀତାକୁ ମଧ୍ୟ ଅତିକ୍ରମ କରି ପୂର୍ବକାଳର ପରିସ୍ଥିତି ଅପେକ୍ଷା ଆଜିର ପରିସ୍ଥିତିକୁ ଅତି ଦାରୁଣ କରିଦେଇଛି । ସାରାବିଶ୍ୱର ମୂଳ କାରଣ ହୋଇଥିବା ଈଶ୍ୱରଙ୍କୁ ବିସ୍ମରି, ନିଜର ଇଚ୍ଛା ଅନୁସାରେ ଦେବତାମାଙ୍କୁ ତିଆରି କରିଛି । ୫୨୬୦ବର୍ଷ ପୂର୍ବେ ଦ୍ୱାପର ଯୁଗରେ ନଥିବା ମତ (ଧର୍ମ) ଆଜି ତିଆରି ହୋଇଛି । ଯାହା ମତକୁ ଯିଏ, ଯାହା ଆରାଧ୍ୟଙ୍କୁ ଯିଏ ମହାନ କହି ଚାଲିଛନ୍ତି, ସେମାନଙ୍କୁ ସମସ୍ତଙ୍କର ଈଶ୍ୱର ଜଣେ ବୋଲି କହିଲେ ମଧ୍ୟ କେହି ଶୁଣିବା ସ୍ଥିତିରେ ନାହାନ୍ତି । ଏହିଭଳି ଈଶ୍ୱରଙ୍କ ପ୍ରତିକୂଳା ମାୟା, ମାନବ ଭିତରେ ରହି ତୁ ଯାହା କରୁଛୁ ତାହା ହିଁ ପ୍ରକୃତ ଈଶ୍ୱର ଆରାଧନା କହି ଶକ୍ତ ମୋହର ଲଗାଇ ଦେଇଛି । ଏହିଭଳି କେତେକଙ୍କୁ ଦୈବବିଶ୍ୱାସୀ ବୋଲି ଭ୍ରମିତ କରି ଈଶ୍ୱରଙ୍କଠାରୁ ବହୁଦୂର ପଠାଇ ଦେଇଛି । ସେହିଭଳି ଆଉ କିଛି ଲୋକଙ୍କଠାରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ନଅଣାଇ ସନ୍ଦେହ ସୃଷ୍ଟିକରି, ସେମାନଙ୍କ ଭିତରୁ କିଛିଲୋକଙ୍କୁ ନାସ୍ତିକ, କିଛି ଲୋକଙ୍କୁ ହେତୁବାଦୀ କରିଦେଇଛି । ଏହିଭଳି ଆଜି ମାନବ ଭିତରେ ବିଶ୍ୱାସୀ, ଅବିଶ୍ୱାସୀ ନାମକ ଦୁଇ ଦଳର ଲୋକେ ଥିଲେ ମଧ୍ୟ, ଈଶ୍ୱରଙ୍କ ହିସାବରେ ସମସ୍ତେ ଅବିଶ୍ୱାସୀ ହୋଇଯାଇଛନ୍ତି । ଏହିଭଳି

ପରିସ୍ଥିତି ଆସିବା ବେଳେ ମୁଁ କେତେବେଳେ କେମିତି ଭୂପୃଷ୍ଠକୁ ଆସି ମୋର ଧର୍ମକୁ ରକ୍ଷା କରିଥାଏ ବୋଲି ଈଶ୍ୱର ଆଗୁଆ କହିଛନ୍ତି । ଦୈବଧର୍ମ ପାଇଁ ଅତି ପ୍ରମାଦ ରହିଥିବା ଆଜିର ସମୟରେ, ପ୍ରତ୍ୟେକ ମତରେ ଜ୍ଞାନୀ ନାମରେ ମାୟାର ପ୍ରତିନିଧି ରହିଥିବା ଆଜିର କାଳରେ ସ୍ୱୟଂ ଈଶ୍ୱର ଆସି ମଣିଷକୁ କହିଲେ ମଧ୍ୟ ମଣିଷ ଶୁଣିବା ସ୍ଥିତିରେ ନାହିଁ । ଈଶ୍ୱରଙ୍କ କଥାକୁ ଖାତର କରୁନଥିବା ଲୋକମାନେ ଆଜି ଥିବାବେଳେ, ଆମେ ଲେଖିଥିବା ଏହି ଲେଖାକୁ କିଏ ବିଶ୍ୱାସ କରିବ ବୋଲି ମଧ୍ୟ ଆଶା ନାହିଁ; ତଥାପି ସତ୍ୟକୁ ଜଣାଇବା ଆମର କର୍ତ୍ତବ୍ୟ । ମାୟାତୀତମାନେ ସ୍ୱୀକାର କରିବେ ବୋଲି ବିଶ୍ୱାସ କରୁଛୁ ।

ଇତି

**ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,
ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

# ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

# ହିନ୍ଦୁ ରକ୍ଷଣ! ହିନ୍ଦୁ ଭକ୍ଷଣ!!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି ।** ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି

ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ - ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?**

**ସେମାନଙ୍କ ସମାଧାନ** - ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** - ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ - ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** - ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ - ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆରେ**

**ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ,

ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ

ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡ଼ିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ – ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ –** ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନକହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍

ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି '**ଇନ୍ଦୁ**'ର ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା, ପ୍ରବୋଧା ସେବା ସମିତି**

୧. ମତ (ଧର୍ମ) ମାୟା ବର୍ଗର - ଜ୍ଞାନ ଈଶ୍ୱରଙ୍କ ବର୍ଗର ।

୨. ମୁଁ ବଢ଼ିବାବେଳେ ଜଣାପଡ଼ିଲା ମତ - ଈଶ୍ୱର ଜଣାପଡ଼ିବା ବେଳେ ଚ୍ଛଲିଗଲା ମତ ।

୩. ଗୁଣଗୁଡ଼ିକ ନାହାନ୍ତି ବୋଲି ନିରୂପଣ କର୍ - ମତ ଧ୍ୟାନ ଛାଡ଼୍ ।

୪. ସବୁ ମଣିଷ ଗୋଟିଏ - ସବୁ ମତ ଗୋଟିଏ ।

୫. ପ୍ରତି ମଣିଷପାଇଁ ଈଶ୍ୱର ଜଣେ - ପ୍ରତି ମତପାଇଁ ଈଶ୍ୱର ଜଣେ ।

୬. ମୋ ଭିତରେ ଈଶ୍ୱର ଅଛନ୍ତି - ତୋ ଭିତରେ ଈଶ୍ୱର ଅଛନ୍ତି ।

୭. ମତ ଦ୍ୱାରା ଈଶ୍ୱର ମିଳନ୍ତି ନାହିଁ - ପଥ ଦ୍ୱାରା ଈଶ୍ୱର ମିଳନ୍ତି ।

୮. ଯିଏ ସମସ୍ତଙ୍କୁ ଚଳାନ୍ତି ସେ ଜଣେ - ସମସ୍ତଙ୍କ ଭିତରେ ଯିଏ ଅଛନ୍ତି ସେ ଜଣେ ।

୯. ମାୟା ମାର୍ଗରେ ଚ୍ଛଲିଲେ ସ୍ୱର୍ଗ, ନରକ ପ୍ରାପ୍ତି - ଈଶ୍ୱରଙ୍କ ମାର୍ଗରେ ଚ୍ଛଲିଲେ ସିଦ୍ଧି ।

୧୦. ଜନ୍ମହେବା ବେଳେ ନଥାଏ ମତ - ମରଣରେ ସାଥିରେ ଯାଏ ନାହିଁ ମତ ।

୧୧. ପରମାତ୍ମା, ୟହୋବା, ଅଲ୍ଲାଃ ନାମକ ନାମଗୁଡ଼ିକ ଅଲଗା ଅଲଗା ଥିଲେ ମଧ୍ୟ ତାହା ଜଣେ ଈଶ୍ୱରଙ୍କ ନାମ ।

୧୨. ସମସ୍ତେ ପରମାତ୍ମାଙ୍କ ଦ୍ୱାରା ତିଆରି ହୋଇଛେ, ସମସ୍ତେ ୟହୋବାଙ୍କ ଦ୍ୱାରା ସୃଷ୍ଟି ହୋଇଛେ, ସମସ୍ତେ ସେହି ଅଲ୍ଲାଃଙ୍କ ଦ୍ୱାରା ସୃଷ୍ଟି ହୋଇଛେ ।

୧୩. ଶ୍ରୀକୃଷ୍ଣ ଅର୍ଜୁନଙ୍କୁ (ଭକ୍ତକୁ)
ଯୀଶୁ ପିତରୁ (ଶିଷ୍ୟକୁ)
ଜିବ୍ରାଇଲ୍ ମହମ୍ମଦ୍ (ପ୍ରବକ୍ତା)ଙ୍କୁ ଜଣେ ଈଶ୍ୱରଙ୍କ ଜ୍ଞାନ ହିଁ କହିଥିଲେ ।

- ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା ଶ୍ରୀଶ୍ରୀଶ୍ରୀ ଆଚ୍ଛର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ।